

ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
- ଆରିଷ୍ଟଟଲ

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ ଅବସରରେ ରିଜିଓନାଲ ରିସର୍ସ ଆଣ୍ଡ ଟ୍ରେନିଂ ସେଣ୍ଟର ପକ୍ଷରୁ ରାଲି, ମାଷ୍ଟର କ୍ୟାଣ୍ଟିନ ଛକ, ସକାଳ ୭ଟା।
- ସଭା, ଇଡ୍‌କଲ ଅଡିଟୋରିୟମ, ସକାଳ ୯ଟା।
- ହ୍ୟୁମନ ରାଇଟ୍ସ ଫ୍ରଣ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା, ରେଡକ୍ରସ ଟ୍ରେନିଂ ସେଣ୍ଟର, ପୂର୍ବାହ୍ନ ୧୦ଟା।
- କଲଚରାଲ ସୋସାଇଟି 'ଯାତ୍ରୀ' ପକ୍ଷରୁ ପାରସ୍ପରିକ ଅଧିବେଶନ, ଭୁବନେଶ୍ୱର କଳା କେନ୍ଦ୍ର, ୟୁନିଟ-୬, ସନ୍ଧ୍ୟା ୭ଟା।
- ଶିକ୍ଷାବିତ୍ ସ୍ୱର୍ଗତ ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପୁସ୍ତକ ଉନ୍ମୋଚନ ଉତ୍ସବ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍, ସନ୍ଧ୍ୟା ୭ଟା।

କଟକ
- ନିଶା ଅପବ୍ୟବହାର ଓ ବେଆଇନ ଚାଲାଣ ବିରୋଧରେ ଅନ୍ତର୍ଜାତୀୟ ଦିବସ, ଶହୀଦ ଭବନ, ପୂର୍ବାହ୍ନ ୧୦ଟା।

ବାଲିଅନ୍ତା
- ଭାଗବତ ପ୍ରବଚନ ଯଜ୍ଞ ମହୋତ୍ସବ, ମା' ଉତ୍ତରମୁଖି ପୀଠ, ଭୁବନପୁର, ରାତି ୭ଟା।

# ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ୩ ପରୀକ୍ଷାଫଳ ପ୍ରକାଶ

## କଳା ପାସ୍ ହାର ୭୧%, ବିଜ୍ଞାନ ୯୨%, ବାଣିଜ୍ୟ ୮୩%

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ୩ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। କଳାରେ ମୋଟ ୨୨,୭୧୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧,୬୨୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ପାସ୍ ହାର ୭୧% ରହିଛି। ବିଜ୍ଞାନରେ ମୋଟ ୮,୧୮୯ଜଣ ପରୀକ୍ଷା ଦେଇଥିବା ବେଳେ ୭,୫୩୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ପାସ୍ ହାର ୯୨% ରହିଛି। ସେହିପରି ବାଣିଜ୍ୟରେ ୩,୧୭୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨,୬୪୧ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପାସ୍ ହାର ରହିଛି ୮୩%।



ଚଳିତବର୍ଷ କଳା ବିଭାଗର କୋର୍‌ରେ ମୋଟ ୧୯,୬୮୬ ପିଲା ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୭,୧୮୭ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପାସ୍ ହାର ୮୭% ରହିଛି। ଏଥିରେ ମୋଟ ୪୯% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ଜେନେରାଲ୍‌ରେ ମୋଟ ୩,୦୩୨ଜଣ ପରୀକ୍ଷା ଦେଇଥିବା ବେଳେ ୨,୧୩୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ପାସ୍ ହାର ୭୦% ରହିଛି। ସେହିପରି ବିଜ୍ଞାନ ବିଭାଗର କୋର୍‌ରେ ୭,୪୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୬,୮୯୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ପାସ୍ ହାର ୯୩% ରହିଛି। ଏଥିରେ ୯୧% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ଜେନେରାଲ୍‌ରେ ୭୮୯ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬୩୩ଜଣ ପାସ୍ ହୋଇଥିବା ବେଳେ ପାସ୍ ହାର ୮୦% ରହିଛି। ବାଣିଜ୍ୟ ବିଭାଗର କୋର୍‌ରେ ୨,୮୫୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨,୩୯୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ପାସ୍ ହାର ରହିଛି ୮୪%। ଏଥିରେ ମୋଟ ୩୫% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟ ଜେନେରାଲ୍‌ରେ ୩୨୨ଜଣ ପରୀକ୍ଷା ଦେଇଥିବା ବେଳେ ୨୪୭ଜଣ ପାସ୍ ହୋଇଛନ୍ତି ଏବଂ ପାସ୍ ହାର ୭୭% ରହିଛି।

■ ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଥିଲେ ବାହାଦୁର

# ପରିବାର ସହ ମିଶାଇଲା ରେଡ୍‌କ୍ରସ୍



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ବାହାଦୂର, ପରିବାର ସଦସ୍ୟ, ସମ୍ପର୍କୀୟ ଓ ରେଡ୍‌କ୍ରସ୍‌ର କର୍ମକର୍ତ୍ତା।

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ଝାଡ଼ଖଣ୍ଡର ସାହେବଗଞ୍ଜ ଜିଲା ଭାକୁଡି ଗ୍ରାମର ବାହାଦୁର ରକ୍ଷାସନ ପେସାରେ ଜଣେ ସାଧାରଣ ଚାଷୀ। ପରିବାରର ଆର୍ଥିକ ଅନଟନ ବୋଝକୁ ସହି ନ ପାରି ସେ ଦାଦନ ଖଟିବାକୁ ସିକନ୍ଦରାବାଦ ବାହାରିଥିଲେ। ହେଲେ ବାଟରେ ବିଶାଖାପାଟଣାଠାରେ ପାଣି ପିଇବା ପାଇଁ ଟ୍ରେନରୁ ଓହ୍ଲାଇଥିବା ବେଳେ ଦୁର୍ଭାଗ୍ୟବଶତଃ ଟ୍ରେନ ଛାଡ଼ି ଦେଇଥିଲା। ଘଟଣାକ୍ରମେ ସେ ଯାଇ ବିଶାଖାପାଟଣାର ସରକାରୀ ମାନସିକ ବିକାରଗ୍ରସ୍ତ ଚିକିତ୍ସାଳୟରେ ରହିଥିଲେ। ଏପଟେ ବାହାଦୁରଙ୍କ ସହ ଯୋଗାଯୋଗ କରି ନ ପାରି ତାଙ୍କ ସ୍ତ୍ରୀ ଓ ୫ ପିଲା ତାଙ୍କ ନିଖୋଜରେ ମର୍ମାହତ ହୋଇ ଦୁଃଖରେ ଭାଙ୍ଗିପଡ଼ିଥିଲେ। ଘରର ଏକମାତ୍ର ରୋଜଗାରିଆ ମଣିଷର ଅନୁପସ୍ଥିତି ଯୋଗୁ ପରିବାର ଲୋକଙ୍କୁ ଭୋକ ଉପାସରେ ଦିନ କାଟିବାକୁ ପଡୁଥିଲା। ତେବେ ସୌଭାଗ୍ୟବଶତଃ ଉକ୍ତ ଚିକିତ୍ସାଳୟର ଜଣେ କର୍ମଚାରୀ ବାହାଦୁରଙ୍କ ହାବଭାବକୁ ଭଲ ଭାବେ ଠଉରାଇ ତାଙ୍କ ମାନସିକ ଅବସ୍ଥା ଠିକ୍ ଥିବା ଜାଣିପାରିଥିଲେ। ଏହାପରେ ସେ ପ୍ରଥମେ ଝାଡ଼ଖଣ୍ଡ ରାଜ୍ୟ ରେଡ୍‌କ୍ରସ ଶାଖା ସହ ଯୋଗାଯୋଗ କରିଥିଲେ। କିନ୍ତୁ ଉକ୍ତ ରେଡ୍‌କ୍ରସ ଶାଖା ସେତେଟା ସକ୍ରିୟ ନ ଥିବାରୁ ସେ ପଡ଼ୋଶୀ ରାଜ୍ୟ ଓଡ଼ିଶା ରେଡ୍‌କ୍ରସ ଶାଖା ସହ ଯୋଗାଯୋଗ କରିଥିଲେ। ଓଡ଼ିଶା ଶାଖା ପକ୍ଷରୁ ଘଟଣାକୁ ଗୁରୁତ୍ୱର ସହ ନିଆଯାଇଥିଲା। ଏହାପରେ ଝାଡ଼ଖଣ୍ଡର ଭାକୁଡି ଗ୍ରାମରୁ ବାହାଦୁରଙ୍କ ସ୍ତ୍ରୀ ଓ ତାଙ୍କ ସାଥୀମାନେ ଆସି ପ୍ରଥମେ ଭୁବନେଶ୍ୱରରେ ପହଞ୍ଚିଥିଲେ। ପରେ ରେଡ୍‌କ୍ରସର ୨ କର୍ମଚାରୀ ଜୁନିୟର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଓ ସଞ୍ଜୟ ପାତ୍ର ସେମାନଙ୍କୁ ନେଇ ବିଶାଖାପାଟଣା ଯାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରାଯିବା ସହ ସ୍ତ୍ରୀ ଓ ସମ୍ପର୍କୀୟଙ୍କ ସହିତ ସାକ୍ଷାତ କରାଯାଇଥିଲା। ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ଫ୍ୟାମିଲି ନ୍ୟୁଜ୍ ସର୍ଭିସ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପାରିବାରିକ ମିଳନ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ରେଡ୍‌କ୍ରସ ରାଜ୍ୟ ଶାଖା ସଭାପତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଉପସ୍ଥିତିରେ ମହାମିଳନ କାର୍ଯ୍ୟ ହୋଇଥିଲା। ନିଜ ଜନ୍ମମାଟିକୁ ଫେରୁଥିବାରୁ ରେଡ୍‌କ୍ରସକୁ କୃତଜ୍ଞତା ଜଣାଇଥିଲେ ବାହାଦୁର ରକ୍ଷାସନ। ରେଡ୍‌କ୍ରସ ତରଫରୁ ତାଙ୍କୁ ମୋବାଇଲ ଫୋନ୍ ସହ ୧୦ ହଜାର ଟଙ୍କାର ଚେକ୍ ଓ ଅନ୍ୟାନ୍ୟ ବସ୍ତ୍ର, ରୋଷେଇ ସରଞ୍ଜାମ ଆଦି ପ୍ରଦାନ କରାଯାଇଥିଲା।

## ଅବହେଳିତ ଶିଶୁଙ୍କ ସାହାରା ଥିଲେ ହର୍‌ମାନ

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ଏସ୍ ଓ ଏସ୍ ଶିଶୁଗ୍ରାମର ପ୍ରତିଷ୍ଠାତା ଡ. ହର୍‌ମାନ ମାଇନ୍‌ଙ୍କ ୧୦୦ତମ ଜନ୍ମବାର୍ଷିକ ଉତ୍ସବ କଳିଙ୍ଗ ଷ୍ଟୁଡିଓ ନିକଟ ଶିଶୁଗ୍ରାମଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରୀତି ରାୟ ଓ ସମ୍ମାନିତ ଅତିଥି ଭାବେ ସବିତା ପଟ୍ଟନାୟକ, ଅନୁରାଧା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏସ୍ ଓ ଏସ୍‌ର ଜାତୀୟ ଉପନିର୍ଦ୍ଦେଶକ ସୁମନ୍ତ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହର୍‌ମାନ ମାଇନ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସୁଦୂର ଅଷ୍ଟ୍ରିଆର ଏହି ସାମାଜିକ କର୍ମୀ ନିଜ ସ୍ୱାର୍ଥକଥା ଭୁଲି ମା'ବାପା ଛେଉଣ୍ଡ ଅବହେଳିତ ଶିଶୁଙ୍କ ପାଇଁ କାମ କରୁଥିଲେ। ଦୀର୍ଘ ୭୦ବର୍ଷ ଧରି ସେ ନିଜକୁ ଏଭଳି ପିଲାମାନଙ୍କ ସେବାରେ ନିୟୋଜିତ ରଖିଥିଲେ। ପରିବାର ନ ଥିବା ଶିଶୁଙ୍କୁ ପରିବାରଟିଏ ଯୋଗାଇଦେବା, ମୁହଁରେ ହସ ଫୁଟାଇବା ଓ ସମାଜରେ ସେମାନଙ୍କ ନ୍ୟାଯ୍ୟ ଅଧିକାର ଦେବାକୁ ସେ ଅହରହ କାର୍ଯ୍ୟ କରୁଥିଲେ। ଏଥିପାଇଁ ସେ ଏସ୍ ଓ ଏସ୍ ଶିଶୁଗ୍ରାମ ପ୍ରତିଷ୍ଠା କରିଥିଲେ। ବିଶ୍ୱର ୧୩୫ ଦେଶରେ ଏହି ସେଣ୍ଟର ଏବେ କାର୍ଯ୍ୟ କରୁଛି। ଦେଶର ସମସ୍ତ ଶିଶୁଗ୍ରାମ ତାଙ୍କ ଜନ୍ମଦିବସକୁ ଶିଶୁଗ୍ରାମ ଦିବସ ଭାବେ ପାଳନ କରିଆସୁଛି। ଏହି ଅବସରରେ ଭୁବନେଶ୍ୱର ଶିଶୁଗ୍ରାମର ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷିତ ହୋଇଥିଲା। ଏହାସହ ଫୁଟବଲ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସହରରୁ ୧୫ ଶିଶୁ ଶ୍ରମିକ ଉଦ୍ଧାର

**କଟକ ଅଫିସ,୨୫।୬:** କଟକ ସହରର ବାଦାମବାଡ଼ି ଓ ମଧୁପାଟଣା ଥାନା ଅଞ୍ଚଳରୁ ମଙ୍ଗଳବାର ୧୫ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ଏମାନେ ବିଭିନ୍ନ ହୋଟେଲ ଓ ଚା' ଦୋକାନରେ କାମ କରୁଥିଲେ। ଉଦ୍ଧାର ଶିଶୁ ଶ୍ରମିକମାନଙ୍କର ବୟସ ୧୪ରୁ ୧୬ ବର୍ଷ ମଧ୍ୟରେ ହେବ। ଏମାନଙ୍କ ଘର ପଞ୍ଜାବ, ବିହାର, ଅନୁଗୋଳ, ଫୁଲବାଣୀ ଓ ମାଲକାନଗିରି ଅଞ୍ଚଳର ବୋଲି ଜଣାପଡ଼ିଛି। ଉଦ୍ଧାର ଶିଶୁ ଶ୍ରମିକମାନଙ୍କ ମଧ୍ୟରୁ ପଞ୍ଜାବ ରାଜ୍ୟର ଜଣେ ଶିଶୁଙ୍କୁ ଏକ ହୋଟେଲ୍‌ରୁ ଉଦ୍ଧାର କରାଯାଇଛି। ତାଙ୍କ ହାତ, ଗୋଡ଼ରେ ତେଲ ପଡ଼ି ପୋଡ଼ି ଯାଇଥିଲେ ମଧ୍ୟ ସେ ସେହି ଅବସ୍ଥାରେ ହୋଟେଲରେ କାମ କରୁଥିଲେ। ଚାଇଲ୍ଡ ଲାଇନ, ଶ୍ରମ ବିଭାଗ, ଶିଶୁମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏହି ସ୍ପେଶାଲ ଡ୍ରାଇଭ କରାଯାଇଥିଲା।

## ନନ୍ଦନକାନନରେ ପ୍ଲାଷ୍ଟିକ୍ ସଚେତନତା

**ନରାଜ,୨୫।୬(ଡି.ଏନ୍.ଏ.):** ବିଜୁ ପଟ୍ଟନାୟକ କଲେଜ ଅଫ୍ ଏମ୍‌ଏ ଜେଏମ୍‌ସି ପୁରାତନ ଛାତ୍ର ସଂସଦ ପକ୍ଷରୁ ନନ୍ଦନକାନନରେ ସୋମବାର ପ୍ଲାଷ୍ଟିକ୍ ବର୍ଜନ ପାଇଁ ସଚେତନତା କରାଯାଇଥିଲା। ସଂସଦର ସଭାପତି ଲିଙ୍ଗରାଜ ସାହୁଙ୍କ ଅଧ୍ୟକ୍ଷତାରେ ପ୍ଲାଷ୍ଟିକ୍ ଭଳି ବର୍ଜ୍ୟବସ୍ତୁକୁ ବ୍ୟବହାର ନ କରିବା ପାଇଁ ସ୍ଥାନୀୟ ଦୋକାନୀ ଓ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ପ୍ଲାଷ୍ଟିକ୍ ମାନବ ସମାଜ ସହ ପଶୁପକ୍ଷୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏହାସହ ପ୍ଲାଷ୍ଟିକ୍ ଶାରୀରିକ ସୁସ୍ଥତା ପ୍ରତି କେତେ କ୍ଷତିକାରକ ତାହା ଲୋକଙ୍କୁ ବୁଝାଇଥିଲେ। ଆଗାମୀ ଦିନରେ ଓଡ଼ିଶାରେ ପଲିଥିନ ମୁକ୍ତ ପାଇଁ ସଂସଦର ସମସ୍ତ ସଭ୍ୟ ଶପଥ ନେଇଥିଲେ। ଏଥିରେ କବିତା ଦାଶ, ସୁପ୍ରିୟା ପ୍ରିୟଦର୍ଶିନୀ, ରଘୁନାଥ ମିଶ୍ର, ଅରବିନ୍ଦ ମହାପାତ୍ର, ତ୍ରିଲୋଚନ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ନିର୍ମାଣାଧୀନ ଅଟ୍ଟାଳିକା ଲିଫ୍ଟରୁ ପଡ଼ି ଶ୍ରମିକ ମୃତ

**ଭୁବନେଶ୍ୱର, ୨୫।୬(ବ୍ୟୁରୋ):** ମଞ୍ଚେଶ୍ୱର ଥାନା କଳାରାହାଙ୍ଗ ଅଞ୍ଚଳରେ ନିର୍ମାଣାଧୀନ ଏକ ଅଟ୍ଟାଳିକା ଲିଫ୍ଟରୁ ଜଣେ ଶ୍ରମିକ ତଳକୁ ଖସିପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସୁରଜ ନାୟକ। ପୋଲିସ ସୂଚନା ମୁତାବକ, ସୁରଜ ଜଣେ ଠିକାଦାରଙ୍କ ଅଧୀନରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସେ ଉକ୍ତ ଅଟ୍ଟାଳିକାର ୫ ମହଲାରେ କାମ କରୁଥିଲେ। ଘର ତିଆରି ସାମଗ୍ରୀ ନେଇ ଉପରକୁ ଲିଫ୍ଟରେ ସେ ଠିଆ ହୋଇଥିବା ବେଳେ ଅସାବଧାନ ହେତୁ ନିୟନ୍ତ୍ରଣ ହରାଇ ତଳକୁ ଖସି ପଡ଼ିଥିଲେ। କାର୍ଯ୍ୟରତ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲା। ଏ ନେଇ ପୋଲିସ ମୃତଦେହକୁ ସଂରକ୍ଷଣ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ପରିବାର ଲୋକ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରି ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଗୁଣାତ୍ମକ ଶିକ୍ଷାଦାନରେ ଗବେଷଣା ହେଉଛି ମେରୁଦଣ୍ଡ

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ଏସିଆନ୍ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍) ପକ୍ଷରୁ ତ୍ରୟଦିବସୀୟ ଫାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବିପିୟୁଟି ଡିନ୍(ମ୍ୟାନେଜମେଣ୍ଟ) ପ୍ରଫେସର ଶକ୍ତି ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ ବିଜ୍ଞାନର ଗବେଷଣା କ୍ଷେତ୍ରରେ ସଫ୍ଟୱେର୍ ପ୍ୟାକେଜ୍‌ର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହିଭଳି ଏକ ଉପାଦେୟ ତଥା ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ପ୍ୟାକେଜ୍‌ର କର୍ମଶାଳା ସଙ୍ଗଠିତ କରାଇବାରେ ଏଏସ୍‌ବିଏମ୍‌ର ବଳିଷ୍ଠ ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ।



ଏଥିରେ ସଭାପତିତ୍ୱ କରି ଏଏସ୍‌ବିଏମ୍ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ୍ ପଟ୍ଟନାୟକ ଗବେଷଣା କ୍ଷେତ୍ରରେ ଗବେଷକମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତି କ୍ଷଣରେ ନାନାଦି ଆହ୍ୱାନକୁ ସମ୍ମୁଖୀନ ହେଉଥିବାର ତଥ୍ୟ ମଧ୍ୟ ପ୍ରଦାନ କରିଥିଲେ। ଏହାସହିତ ତାହାର ସରଳ ସମାଧାନର ମାର୍ଗଦର୍ଶନ କରାଇଥିଲେ। ଗୁଣାତ୍ମକ ଏବଂ ଫଳପ୍ରଦ ଶିକ୍ଷାଦାନ କ୍ଷେତ୍ରରେ ଗବେଷଣା ମେରୁଦଣ୍ଡ ସ୍ୱରୂପ ବୋଲି ବର୍ଣ୍ଣନା କରିବା ସହ ଉନ୍ନତ ଗବେଷଣା ଶିକ୍ଷାୟତନରେ ପ୍ରୟୋଗାତ୍ମକ ଶିକ୍ଷାଦାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଥାଏ ବୋଲି ମତ ରଖିଥିଲେ। କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ସୁପ୍ରିମକୋର୍ଟର ବରିଷ୍ଠ ଆଡ୍‌ଭୋକେଟ ଡ. ସୁଶାନ୍ତ କୁମାର କାନୁନ୍‌ଗୋ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ନିଜ ଗବେଷଣା ଜୀବନର ବହୁବିଧ ଚିତ୍ରକୁ ବର୍ଣ୍ଣନା କରିବା ସହ ଅଂଶଗ୍ରହଣକାରୀଙ୍କୁ ଅଧିକରୁ ଅଧିକ ଗବେଷଣା କ୍ଷେତ୍ରରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ସମସ୍ତଙ୍କୁ ସ୍ୱୀକୃତି ପତ୍ର ପ୍ରଦାନ କରିଥିଲେ। କର୍ମଶାଳାରେ ବିଭିନ୍ନ ରାଜ୍ୟରୁ ଅଧ୍ୟାପିକା, ଅଧ୍ୟାପକ ଓ ଗବେଷକ ଯୋଗଦେଇଥିଲେ। ସଂଯୋଜକ ପ୍ରଫେସର ପଦ୍ମନାଭ ମହାପାତ୍ର ଓ ସହ-ସଂଯୋଜକ ପ୍ରଫେସର ପ୍ରକାଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋରେ ଖବର




ଓଡ଼ିଶା କଲ୍‌ଚରାଲ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନଠାରେ ମଙ୍ଗଳବାର ଅନୁଷ୍ଠାନ ତୃତୀୟ ଓଡ଼ିଶା ସାଂସ୍କୃତିକ ମହୋତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ପିଲାମାନେ।



ଶକୁନ୍ତଳା ମ୍ୟୁଜିକ ଏକାଡେମୀ ପକ୍ଷରୁ ଆୟୋଜିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମରେ ଦୁଇ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ପରିବେଷଣ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଦୈତାରି



ଦୀପକ ପରିଡ଼ା



ସୌମ୍ୟାଲିନା



ପ୍ରଜ୍ଞାନ



ପୁଷ୍ପାଞ୍ଜଳି



ସୁନୀଲ ବେହେରା



ଆଶୁତୋଷ



ପବିତ୍ର ମହାପାତ୍ର



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ, କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।

-ମନୋଜ ଦାସ



## ସଂକ୍ଷେପରେ

### ଚଢ଼ିଗଲା କାର୍, ହାବିଲ୍‌ଦାର ଗୁରୁତର

**ଭୁବନେଶ୍ୱର, ୨୫ା୬(ବ୍ୟୁରୋ):** ବିଧାନସଭା ସମ୍ମୁଖରେ ଡ୍ୟୁଟି କରୁଥିବାବେଳେ ଜଣେ ହାବିଲ୍‌ଦାରଙ୍କୁ ମଙ୍ଗଳବାର ରାତି ପ୍ରାୟ ୮ରେ ଏକ କାର୍ ଧକ୍କା ଦେଇଥିଲା । ସେ ତଳେ ପଡିଯିବାରୁ ତାଙ୍କ ଉପରେ କାର୍‌ଟି ଚଢ଼ିଯାଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ଜଣକ ହେଲେ ଲିଙ୍ଗରାଜ ଥାନାର ହାବିଲଦାର ଭରତ ମଲ୍ଲିକ। ଭରତଙ୍କୁ ଧକ୍କା ଦେଇଥିବା କାର୍‌ଟି ଏଜି ଛକରୁ ପିଏମ୍‌ଜି ଆଡକୁ ଯାଉଥିଲା ଓ ଏହାକୁ ଜଣେ ମହିଳା ଚଲାଉଥିଲେ । ତେବେ କ୍ୟାପିଟାଲ ଥାନା ପୋଲିସ ଗାଡିକୁ ଜବତ କରି ଘଟଣାର ତଦନ୍ତ କରୁଛି।

### ସ୍ମାର୍ଟ ସିଟି ପ୍ରକଳ୍ପର ଚତୁର୍ଥ ବର୍ଷ ପୂର୍ତ୍ତି
### ଭୁବନେଶ୍ୱରର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା

**ଭୁବନେଶ୍ୱର, ୨୫ା୬(ବ୍ୟୁରୋ):** ସ୍ମାର୍ଟ ସିଟି ପ୍ରକଳ୍ପର ଚତୁର୍ଥ ବାର୍ଷିକୀ ଅବସରରେ କେନ୍ଦ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କ ଏକ ଖବରଦାତା ସମ୍ମିଳନୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମଙ୍ଗଳବାର ଅପରାହ୍ନରେ ବିଡିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଶର ୧୦୦ଟି ସ୍ମାର୍ଟ ସହର ମଧ୍ୟରୁ ଏକ ନମ୍ବର ମାନ୍ୟତାରେ ଥିବା ଭୁବନେଶ୍ୱର ସ୍ମାର୍ଟସିଟିର ଆଗଧାଡିରେ ଥିବା ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ମାର୍ଟ ଜନପଥ ପ୍ରକଳ୍ପ ଜରିଆରେ ଜନପଥଠାରୁ ବାଣୀବିହାର ରାସ୍ତାର ଉଭୟ ପାର୍ଶ୍ୱକୁ ଚଉଡା କରାଯିବା ସହ ସୌନ୍ଦର୍ଯ୍ୟକରଣ କରାଯିବ। ଶହୀଦନଗରରେ ୨୫୦ ଏବଂ ରାଜମହଲ ଛକରେ ୪୫୦ କାର ପାର୍କି ବିଶିଷ୍ଟ ମଲ୍ଟି ଲେବୁଲ କାର ପାର୍କିଂ ବିଲ୍ଡିଂ ନିର୍ମାଣ କରାଯିବ। ପିଲାମାନଙ୍କ ପାଇଁ ରବର ଫ୍ଲୋରିଂ ପାର୍କ ନିର୍ମାଣ କରାଯିବ। ଯେଉଁଠାରେ ପିଲାମାନେ ଖେଳକୁଦ ବେଳେ ପଡିଗଲେ କୌଣସି ଆଘାତ ପାଇବେ ନାହିଁ। ଦୃଷ୍ଟିହୀନ ପିଲାମାନଙ୍କ ଯିବା ଆସିବା ପାଇଁ ପାର୍କ କାନ୍ଥରେ ବ୍ରେଲି ଅକ୍ଷର ସହ ସାଉଣ୍ଡ ସିଷ୍ଟମ ସୁବିଧା କରାଯିବ। ଏଥିସହ ମୋ ସାଇକେଲ ଏବଂ ମୋ ବସ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ସ୍ମାର୍ଟ ସିଟକୁ ନିରନ୍ତର ସେବା ଯୋଗାଇ ଆସୁଥିବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।।

### ମଶାରି କାଟି ୩ ଦାମୀ ମୋବାଇଲ୍ ଚୋରି

**ପୁରୁଣା ଭୁବନେଶ୍ୱର, ୨୫ା୬(ଡି.ଏନ୍.ଏ.):** ଧଉଳୀ ଥାନା ଅଧୀନ ଲିଙ୍ଗିପୁର ଗ୍ରାମରେ କେତେକ ଶ୍ରମିକ ସୋମବାର ରାତିରେ ଶୋଇଥିବା ବେଳେ କେତେକ ଦୁର୍ବୃତ୍ତ ମଶାରି କାଟି ୩ଟି ଦାମୀ ମୋବାଇଲ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ବଡମ୍ବା ଅଞ୍ଚଳରୁ ୧୧ଜଣ ଶ୍ରମିକ ଲିଙ୍ଗିପୁରର ଏକ ଠିକାଦାରଙ୍କ ନିକଟରେ ରହି କାମ କରୁଥିଲେ। ଗରମ ପ୍ରବଳ ହେଉଥିବାରୁ ଶ୍ରମିକ ବିନୋଦ ମଲ୍ଲିକ ଏବଂ ତାଙ୍କ ୨ ସହଯୋଗୀ ଘରର କବାଟ ଖୋଲିଦେବା ସହ ମୋବାଇଲ ଫୋନଗୁଡ଼ିକୁ ଏକ ଗାମୁଛାରେ ବାନ୍ଧି ମୁଣ୍ଡ ତଳେ ରଖି ଶୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ଖୋଲା ଥିବାର ସୁଯୋଗ ନେଇ ଚାଲାକି କରି ମଶାରିକୁ ବ୍ଲେଡରେ କାଟି ୩ ମୋବାଇଲକୁ ଚୋରି କରିନେଇଥିଲେ। ସକାଳୁ ଉଠି ବିନୋଦ ଏହା ଦେଖି ମଙ୍ଗଳବାର ଅଭିଯୋଗ କରିଥିଲେ।

■ କଲ୍ୟାଣମଣ୍ଡପ ସିକ୍ୟୁରିଟି ଗାର୍ଡଙ୍କୁ ଗୁଳିମାଡ଼ ଘଟଣାର ପର୍ଦ୍ଦାଫାଶ

# ମାଲିକ ଆଉ କୋଟିଏ ନ ଦେବାରୁ କରିଥିଲେ ଗୁଳି

■ଗିରଫ ୬ ଅଭିଯୁକ୍ତ ଜେଲ୍ ଗଲେ, ବନ୍ଧୁକ ଓ ୩ ବାଇକ୍ ଜବତ

■ଭାଇ ନାଁ କହି ୩ବର୍ଷ ହେବ ମାସକୁ ନେଉଥିଲେ ଲକ୍ଷାଧିକ ଟଙ୍କା

■ଉକ୍ତ ଟଙ୍କାରେ ଘର କରିବା ସହ ବଦଳିଯାଇଥିଲା ଚଳଣି



ଗିରଫ ହୋଇଥିବା ୬ ଅଭିଯୁକ୍ତ ଓ ଜବତ ବନ୍ଧୁକ।



ଖଟାମିଠା କଲ୍ୟାଣ ମଣ୍ଡପ।

**ଭୁବନେଶ୍ୱର,୨୫ା୬(ବ୍ୟୁରୋ)**

ଶହୀଦନଗର ଥାନା ଟଙ୍କପାଣି ରୋଡ୍ ସାଇମନ୍ଦିର ନିକଟରେ ଥିବା ଖଟାମିଠା କଲ୍ୟାଣ ମଣ୍ଡପର ସିକ୍ୟୁରିଟି ଗାର୍ଡଙ୍କୁ ଗୁଳିମାଡ଼ ଘଟଣାର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ । ସଂପୃକ୍ତ ଗ୍ୟାଙ୍ଗର ୬ଜଣଙ୍କୁ କଟକରୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଗୋଟିଏ ଗୁଳି, ୩ ବାଇକ ସହ ବିପୁଳ ଇଲେକ୍ଟ୍ରୋନିକ୍ ଓ ଦାମୀ ଆସବାବପତ୍ରକୁ ପୋଲିସ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଗ୍ୟାଙ୍ଗ୍ ମୁଖ୍ୟ କଟକ ସଦର ହରିଅନ୍ତା ଅଞ୍ଚଳର ପ୍ରଭାସଚନ୍ଦ୍ର ଜେନା ଓରଫ ବୁଲୁ(୨୮), ଗୋବିନ୍ଦପୁରର ଦୁର୍ଗାମାଧବ ପାତ୍ର ଓରଫ ବାପି(୩୪), ଫୁଲନଖରାର ସରୋଜ କୁମାର ନାୟକ(୨୩), କଟକ ସଦରର ଫିରୋଜ ଖାଁ(୨୮) ଓ ରିଆଜୁଲ ହକ୍ (୨୫) । କେସ୍ ନଂ.୧୩୨/୧୯ରେ ଆଇପିସି ଦଫା ୩୦୭, ୩୪ ଓ ୨୫/୨୭ ଆର୍ମ୍ସ ଆକ୍ଟ ଲଗାଇ ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି ।

ତେବେ ସେମାନଙ୍କୁ ପଚରାଉଚରାବେଳେ ପୋଲିସ ବହୁ ତଥ୍ୟ ହାସଲ କରିଛି । ଅଭିଯୁକ୍ତମାନେ ଖଟାମିଠା କଲ୍ୟାଣ ମଣ୍ଡପ ମାଲିକ ଅନୁପ ବାଗୋଇଙ୍କୁ ୨୦୧୭ରେ ପ୍ରଥମେ ଦେଖାକରି ବନ୍ଧୁକ ଦେଖାଇ ଭାଇ (ଗ୍ୟାଙ୍ଗଷ୍ଟର) ପଠାଇଛନ୍ତି କହି ଦାଦାବଟି ମାଗିଥିଲେ । ଭୟରେ ଅନୁପ ଦାବି ମୁତାବକ ୧ ଲକ୍ଷ ଟଙ୍କା ଦେଇଥିଲେ । ସେବେଠାରୁ ପ୍ରତିମାସରେ ଧମକାଇ ଲକ୍ଷାଧିକ ଟଙ୍କା ନେଉଥିଲେ । ଏଭଳି ମୋଟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇସାରିଥିଲେ । କ୍ରମଶଃ ଲୋଭ ବଢ଼ିଥିଲା । ବାଇକ୍‌ରେ ଲୁଟ୍ ଓ ଅନ୍ୟ ଅପରାଧ ଘଟାଇବାବେଳେ ସମସ୍ୟା ହେଉଥିବାରୁ ସେମାନେ କାର କିଣିବାକୁ ନିଷ୍ପତ୍ତି ନେଇଥିଲେ । ଯୋଜନା ମୁତାବକ ଭାଇ ଦାମୀ କାର କିଣିବେ, ସେଥିପାଇଁ ଏକକାଳୀନ କୋଟିଏ ଟଙ୍କା ଦେବାକୁ ଅନୁପଙ୍କୁ କହିଥିଲେ । ହେଲେ ଏତେ ଟଙ୍କା ନ ଥିବା ୩୦ଲକ୍ଷ ଦେବାକୁ ଅନୁପ କହିବାରୁ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଅନୁପଙ୍କୁ ଭୟଭୀତ କରି ଟଙ୍କା ନେବା ପାଇଁ ମାର୍ଚ୍ଚ ୧୬ ଭୋର୍ ସମୟରେ ସିକ୍ୟୁରିଟି ଗାର୍ଡ ଜ୍ଞାନ ରଞ୍ଜନ ମଲ୍ଲିକ କଲ୍ୟାଣ ମଣ୍ଡପରେ ଡ୍ୟୁଟି କରୁଥିଲେ । ଅନ୍ୟତମ ଅଭିଯୁକ୍ତ ରବୀନ୍ଦ୍ର ବରାଳ ଓ ଅନ୍ୟଜଣେ ଓଡି–୦୨–ଏୱାଇ–୪୦୭୯ ନମ୍ବର ବିଶିଷ୍ଟ ବାଇକରେ ଆସି ତାଙ୍କଠାରୁ ପାଣିପିଇବା ପରେ ଗୁଳିମାଡ଼ କରିଥିଲେ । ଏହାପରେ ସେମାନେ ଅନୁପଙ୍କୁ ନିଆଳି ନିକଟକୁ ଏକୁଟିଆ ଡାକି ଟଙ୍କା ଦେବା ପାଇଁ କହିଥିଲେ । ଟଙ୍କା ନ ମିଳିଲେ ପରିବାରର ସମସ୍ତ ସଦସ୍ୟଙ୍କୁ ମାରିଦେବାକୁ ଧମକ ଦେଇଥିଲେ ।

### କେମିତି ଧରା ପଡ଼ିଲେ

ଘଟଣା ପରେ ଶହୀଦନଗର ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସେମାନେ କଲ୍ୟାଣ ମଣ୍ଡପ ମାଲିକ ଅନୁପଙ୍କୁ ପଚରାଉଚରା କରିଥିଲେ ମଧ୍ୟ ସେ ଭୟରେ କିଛି କହି ନ ଥିଲେ । କିନ୍ତୁ ବିନା କାରଣରେ କେହି କାହିଁକି ସିକ୍ୟୁରିଟି ଗାର୍ଡଙ୍କୁ ଗୁଳି କରିବ, ସେନେଇ ପୋଲିସର ସନ୍ଦେହ ଉପୁଜିଥିଲା । ତଦନ୍ତ ସମୟରେ କଟକରୁ କିଛି ସୁରାକ ମିଳିଥିଲା । ଗିରଫ ସମସ୍ତ ଅଭିଯୁକ୍ତ ଉକ୍ତ ଟଙ୍କାରେ ନିଜ ଘରର ନକ୍ସା ବଦଳାଇ ଦେଇଥିଲେ । ଘରେ ଏସି ଲଗାଇବା ସହ ଦାମୀ ଏଲ୍‌ଇଡି ଟିଭି, ୱାଶିଂ ମେସିନ ସହ ଦାମୀ ଘରକରଣା ସାମଗ୍ରୀ କରିଥିଲେ । ଦାମୀ ମଦ ମଧ୍ୟ ପିଉଥିଲେ । ଏହାଦେଖି ପଡୋଶୀଙ୍କ ମନରେ ସନ୍ଦେହ ହୋଇଥିଲା । ସ୍ପେଶାଲ ସ୍କ୍ୱାଡ୍ ନିଜର ଖବରି ମାଧ୍ୟମରେ ସୂଚନା ପାଇବା ପରେ ପ୍ରଥମେ ଜଣଙ୍କୁ ଧରି ପଚରାଉଚରା ପରେ ଅନ୍ୟମାନଙ୍କୁ ଧରିଥିଲା ।

### ଜେଲ୍‌ରେ ସମ୍ପର୍କ, ଗଢ଼ିଥିଲେ ଗ୍ୟାଙ୍ଗ୍

ବିଭିନ୍ନ ମାମଲାରେ ସମସ୍ତେ ପୂର୍ବରୁ ଜେଲରେ ଥିଲେ । ସେହି ସମୟରେ ଚିହ୍ନା ପରିଚିତ ହୋଇଥିଲେ । ଯୋଜନା ମୁତାବକ ଜେଲରୁ ବାହାରିବା ପରେ ଗ୍ୟାଙ୍ଗ୍ ଗଢ଼ିଥିଲେ । ବୁଲୁ ଓ ବାପି ଗ୍ୟାଙ୍ଗ୍ ଚଳାଉଥିଲେ । ଅନ୍ୟ ଅପରାଧୀମାନଙ୍କୁ ସାମିଲ କରି ସାମ୍ରାଜ୍ୟ ବଢ଼ାଉଥିଲେ । ରାଜଧାନୀ ଓ ଆଖପାଖରେ ଥିବା ବଡ଼ ବଡ଼ ହୋଟେଲ, କଲ୍ୟାଣ ମଣ୍ଡପ ମାଲିକଙ୍କ ସହ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଟାର୍ଗେଟ କରୁଥିଲେ । ବିଶେଷକରି ଯେଉଁ ମାଲିକ ଓଡ଼ିଶା ବାହାରେ ରହୁଛନ୍ତି ସେମାନଙ୍କୁ ଅଧିକ ଟାର୍ଗେଟ କରନ୍ତି। ଭାଇ (ଗ୍ୟାଙ୍ଗଷ୍ଟର) ପଠାଇଛନ୍ତି ବୋଲି କହି ଡରାଇ ଦାଦାବଟି ମାଗନ୍ତି।

### ବୁଲୁଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା

ଏହି ଗ୍ୟାଙ୍ଗ ଭୁବନେଶ୍ୱର ଓ କଟକର ଏକାଧିକ ବ୍ୟବସାୟୀଙ୍କୁ ଧମକାଇ ଦାଦାବଟି ନେଇଥିବା ସନ୍ଦେହ କରାଯାଉଛି। ସେମାନେ ଅନ୍ୟ କେଉଁ ହୋଟେଲ ମାଲିକଙ୍କୁ ଦାଦାବଟି ମାଗି ଟଙ୍କା ନେଇଛନ୍ତି ସେନେଇ ପୋଲିସ ଖୋଳତାଡ଼ କରୁଛି। ଆବଶ୍ୟକ ପଡିଲେ ଗ୍ୟାଙ୍ଗ୍‌ର ମୁଖ୍ୟ ବୁଲୁକୁ ରିମାଣ୍ଡରେ ଆଣିବ ବୋଲି ପୋଲିସ କହିଛି। ଅନ୍ୟପଟରେ ଗୁଳିମାଡ଼ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅନ୍ୟଜଣେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି।

### ଦେଶରେ ବିକାଶ ପାଇଁ ଅଧିକରୁ ଅଧିକ ଗବେଷଣା କରିବାକୁ ପରାମର୍ଶ

**ଭୁବନେଶ୍ୱର,୨୫ା୬(ବ୍ୟୁରୋ)**

ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରତିଶ୍ରୁତି ପରିଷଦ(ଆଇକ୍ୟୁଏସି) ଦ୍ୱାରା ମଙ୍ଗଳବାର 'ଗବେଷଣା ଜ୍ଞାନ ଓ ଦେଶର ବିକାଶରେ ମାର୍ଗଦର୍ଶକ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟାପିକା ଓ ଅଧ୍ୟାପକଙ୍କ ନିମିତ୍ତ ଉଚ୍ଚତର ଗବେଷଣା ବିଧି ସମ୍ପର୍କରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଶିଷ୍ଟ ଅର୍ଥନୀତି ଗବେଷକ ତଥା ଭୁବନେଶ୍ୱର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଶ୍ରୀଜିତ୍ ମିଶ୍ର ବିଶାରଦ ଗବେଷକ ଭାବେ ଯୋଗଦେଇଥିଲେ । ଗବେଷଣାର ବିଧି, ପରିଧି ଓ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ସେ ଆଲୋଚନା କରିଥିଲେ । ଦେଶରେ ବିକାଶ ପାଇଁ ଅଧିକରୁ ଅଧିକ ଗବେଷଣା କରିବାକୁ ପ୍ରଫେସର ମିଶ୍ର ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକଙ୍କୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସୁପ୍ରଭା ପଟ୍ଟନାୟକ ଆଲୋଚନାଚକ୍ରରେ ପୌରୋହିତ୍ୟ କରିଥିଲେ । ଆଇକ୍ୟୁଏସିର ସଂଯୋଜିକା ପ୍ରଫେସର କଳ୍ପଲତା ପତ୍ରୀ ଆଲୋଚନାଚକ୍ରର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଅଧ୍ୟାପିକା ଇତିଶ୍ରୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପୁଷ୍ପାଞ୍ଜଳି ମିଶ୍ର ଧନ୍ୟବାଦ ଦେଇଥିଲେ ।

■ ସିଦ୍ଧ ମହାବୀର ରେଲୱେ ଫ୍ଲାଏ ଓଭରବ୍ରିଜ ଦାବି ଜୋର ଧରିଲା

# ଶ୍ରୀକ୍ଷେତ୍ରରୁ ଦିଲ୍ଲୀ ବାହାରିଲା ପଦଯାତ୍ରା

**ପ୍ରଧାନମନ୍ତ୍ରୀଙ୍କୁ ଦିଆଯିବ ୧ଲକ୍ଷ ଦସ୍ତଖତ ସମ୍ବଳିତ ପତ୍ର**

**ପୁରୀ ଅଫିସ, ୨୫ା୬:**

ପୁରୀ–କୋଣାର୍କ ମେରାଇନ ଡ୍ରାଇଭ ରୋଡ୍‌ରେ ସିଦ୍ଧ ମହାବୀର ରେଲୱେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଲାଗି ଦାବି ଜୋର ଧରିଛି । ଏ ନେଇ ମଙ୍ଗଳବାର ପୂର୍ବାହ୍ନ ୮ଟାରେ ପୁରୀ ସିଂହଦ୍ୱାର ନିକଟରୁ ଏକ ପଦଯାତ୍ରା ଦିଲ୍ଲୀ ଅଭିମୁଖେ ବାହାରିଛି । ଜନ ଜାଗରଣ ମଞ୍ଚ ଆବାହକ ଜ୍ୟୋତି ପ୍ରକାଶ ନାୟକଙ୍କ ନେତୃତ୍ୱରେ ଦିଲ୍ଲୀ ଯାଉଥିବା ଏହି ପଦଯାତ୍ରାରେ ଶତାଧିକ ଯୁବକ ସାମିଲ ହୋଇଛନ୍ତି । ଓଭରବ୍ରିଜ ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀଙ୍କୁ ୧ଲକ୍ଷ ଦସ୍ତଖତ ସମ୍ବଳିତ ଦାବିପତ୍ର ଦିଆଯିବ । ଦୀର୍ଘଦିନ ଧରି ଏହି ଦାବି ହୋଇ ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ । କେବଳ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଛନ୍ତି । ଓଭରବ୍ରିଜ ନିର୍ମାଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନାୟକ ପ୍ରକାଶ କରିଛନ୍ତି ।

ରେଳ ଫାଟକ ନିକଟରେ ଗାଡ଼ି, ଆମ୍ବୁଲାନ୍ସ ଆଦି ଦୀର୍ଘ ସମୟ ଧରି ଅଟକି ରହୁଥିବାରୁ ପର୍ଯ୍ୟଟକଙ୍କ ସମେତ ରୋଗୀଙ୍କୁ ହଇରାଣ ହେବାକୁ ପଡୁଛି । ଦୈନିକ ଏହି ଲାଇନ ଦେଇ ୫୦ରୁ ଊର୍ଦ୍ଧ୍ୱ ଟ୍ରେନ ଯାତାୟାତ କରୁଛି । ଏଥିଯୋଗୁ ପ୍ରତି ୧୦ରୁ ୨୦ମିନିଟ୍‌ରେ ଫାଟକ ବନ୍ଦ ରହୁଛି । ଏହି ସମୟରେ ଉଭୟ ପଟୁ ୧କି.ମି. ବ୍ୟାପୀ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଏହାର ସ୍ଥାୟୀ ସମାଧାନ ନିମନ୍ତେ ଜନ ଜାଗରଣ ମଞ୍ଚ ପକ୍ଷରୁ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଦାବି ନେଇ ପଦଯାତ୍ରା ଓ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି ବୋଲି ନାୟକ କହିଛନ୍ତି । ଗତ ୩ମାସ ହେଲା ରେଳ ଫାଟକ ଦେଇ ଯାତାୟାତ କରୁଥିବା ଲୋକେ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମତାମତ ନିଆଯାଇଥିଲା । ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଜନତାଙ୍କ ଦସ୍ତଖତ ସଂଗ୍ରହ କରାଯାଇଛି । ଏହି ଦସ୍ତଖତ ସମ୍ବଳିତ ପତ୍ରକୁ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରାଯିବ । ଉକ୍ତ ଫ୍ଲାଏ ଓଭରବ୍ରିଜ ନିର୍ମାଣ ହେଲେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ନାୟକ ମତବ୍ୟକ୍ତ କରିଛନ୍ତି ।



ପୁରୀ ସିଂହଦ୍ୱାରଠାରୁ ଦିଲ୍ଲୀ ଅଭିମୁଖେ ବାହାରିଥିବା ପଦଯାତ୍ରା।

■ କାନନବିହାର ଡକାୟତି ଘଟଣା

# ୨ ବାଂଲାଦେଶୀ ଅଭିଯୁକ୍ତଙ୍କୁ ମାରାଥନ ଜେରା

**ଭୁବନେଶ୍ୱର, ୨୫ା୬(ବ୍ୟୁରୋ)**

**ଫିଟିବ ଏକାଧିକ ଡକାୟତିର ଗୁମର**

କାନନବିହାର ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଘରୁ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ୩ ବାଂଲାଦେଶୀ ଅଭିଯୁକ୍ତ ଦିଲ୍ଲୀ ପୋଲିସ ହାତରେ ଧରା ପଡିଥିଲେ । ୩ ବାଂଲାଦେଶୀ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାକୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଦିଲ୍ଲୀ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲେ । କୋର୍ଟ ଦୁଇ ଅଭିଯୁକ୍ତ ଶାହିଦ ଓ ମଜ୍ଜୁରୁନ୍‌ଙ୍କୁ ୨ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ । ମଙ୍ଗଳବାର ସେମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା । ଚନ୍ଦ୍ରଶେଖରପୁର ପୋଲିସ କଡା ସୁରକ୍ଷାରେ ଦୁଇଜଣ ଅଭିଯୁକ୍ତ ଶାହିଦ ଓ ମଜ୍ଜୁରୁନ୍‌ଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନେଇ ମାରାଥନ ଜେରା ଆରମ୍ଭ କରିଛି । ଏହି ଡକାୟତି ଘଟଣାରେ ୧୨ରୁ ଊର୍ଦ୍ଧ୍ୱ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ହୋଇଥିଲା । ୩ ଜଣ ଅଭିଯୁକ୍ତ ଧରା ପଡିଥିବା ବେଳେ ଅନ୍ୟମାନେ ଗିରଫ ଭୟରେ ଫେରାର ହୋଇଯାଇଛନ୍ତି । ତେଣୁ ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ପୋଲିସ ଶାହିଦ ଓ ମଜ୍ଜୁରୁନ୍‌ଙ୍କୁ ପଚରାଉଚରା ଚଳାଇଛି । ଫେରାର ଥିବା ଅନ୍ୟ ଅଭିଯୁକ୍ତମାନେ କିଏ ସେମାନେ ଅନ୍ୟ କେଉଁ ଲୁଟ ଓ ଡକାୟତିରେ ସମ୍ପୃକ୍ତ ଅଛନ୍ତି ସେନେଇ ପଚରାଉଚରା ଚାଲିଛି । ଏହାସହ ଲୁଟ କରାଯାଇଥିବା ସାମଗ୍ରୀ ସେମାନେ କୁଆଡେ ବିକ୍ରି ଓ କିପରି ଲୁଟ୍ ଯୋଜନା କଲେ, ଏହାର ତଥ୍ୟ ହସଲ ପାଇଁ ଜେରା ଚାଲିଛି ବୋଲି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି । ସୂଚନା ଅନୁଯାୟୀ, ଫେବୃୟାରୀ ୨୬ରେ ଏବଂ ମେ ୧ରେ କାନନବିହାର ଫେଜ୍–୧ ଓ ୨ରୁ ସେମାନେ ଡକାୟତି କରିଥିଲେ । ଫେଜ–୧ରେ ରହୁଥିବା ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଘରୁ ବନ୍ଧୁକ ଓ ଭୁଜାଲି ଦେଖାଇ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲେ । ଏପରିକି ପରିବାର ଲୋକଙ୍କୁ ବାନ୍ଧି ଦେଇ ଆଲମାରି ଚାବି ନେଇ ଏଭଳି ଲୁଟ୍ କରିଥିଲେ ।

■ ପୁରୀ ସଦର ବ୍ଲକର ବହୁ ପଞ୍ଚାୟତକୁ ପହଞ୍ଚିନି ବିଦ୍ୟୁତ୍

# ଘରଭଙ୍ଗା ଆକଳନରେ ବି ପକ୍ଷପାତିତା

**ପୁରୀ ଅଫିସ,୨୫ା୬**

ବାତ୍ୟା ଫନୀକୁ ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି । ସବୁଠୁ ଅଧିକ କ୍ଷତିଗ୍ରସ୍ତ ପୁରୀ ଜିଲାରେ ଏବେ ସ୍ୱାଭାବିକ ସ୍ଥିତି ଫେରୁଛି । ପୁରୀକୁ ଛାଡ଼ିଦେଲେ ଉପକଣ୍ଠରେ ବିଦ୍ୟୁତ୍ ଯୋଗାଣ ଏ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରିନାହିଁ । ସେହିପରି ଜିଲାର ଗାଁ ଗହଳିକୁ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ଲୋକେ କଲବଲ ହେଉଛନ୍ତି । ସହରରେ ସିନା ବିଜୁଳିବତି ଜଳିଲାଣି, ହେଲେ ପୁରୀ ସଦର ବ୍ଲକର କେତେକ ଗାଁ ଏବେ ବି ଅନ୍ଧାରରେ ରହିଛି । ଏପଟେ ଘରଭଙ୍ଗା ଆକଳନରେ ବି ପକ୍ଷପାତିତା କରାଯାଇଥିବା ଲୋକେ ଅଭିଯୋଗ ଆଣିଛନ୍ତି । ଏହାକୁ ନେଇ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟୁତ୍ ଯୋଗାଣ ସ୍ଥିତିକୁ ଦେଖିଲେ ପୁରୀ ଉପକଣ୍ଠର ଲୋକେ ଏବେ ବି ହୀନସ୍ତା ହେଉଛନ୍ତି । ସଦର ବ୍ଲକର କେତେକ ପଞ୍ଚାୟତ ରହିଛି ଯେଉଁଠିକି ବିଦ୍ୟୁତ୍ ପହଞ୍ଚି ପାରିନାହିଁ । ବାଲିପଡ଼ା, ବାଲିଫୁଟ ଭଳି ପଞ୍ଚାୟତ ଏବେ ବି ଅନ୍ଧାରରେ ଥିବା ଅଞ୍ଚଳବାସୀ କହିଛନ୍ତି । ସେହିପରି ଘରଭଙ୍ଗା କ୍ଷୟକ୍ଷତି ଆକଳନକୁ ନେଇ ସଦର ବ୍ଲକର ପ୍ରାୟ ସବୁ ପଞ୍ଚାୟତରେ ଅସନ୍ତୋଷ ଦେଖାଦେଇଛି । ବାଲିପଡ଼ା ପଞ୍ଚାୟତ ବାଙ୍ଗୁରୁବାର ସୁରେଶ ଖୁଣ୍ଟିଆ କହିଛନ୍ତି, ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟରେ ଘରଭଙ୍ଗା କ୍ଷୟକ୍ଷତି ଆକଳନର ତାଲିକା ମରାଯାଇଛି । ତେବେ ଏହି ତାଲିକା ଦେଖିଲେ ଆକଳନରେ ପକ୍ଷପାତିତା କରାଯାଇଥିବା ସ୍ପଷ୍ଟ ଜଣାପଡୁଛି । ଅନେକ ଲୋକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ସେମାନଙ୍କ ଆଂଶିକ କ୍ଷତି ତ କାହାର ଅତ୍ୟଧିକ କ୍ଷତି ବୋଲି ଦର୍ଶାଯାଇଛି । କିନ୍ତୁ ତିନିମହଲା କୋଠା ଥିବା ଲୋକଙ୍କର ନାମ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବୋଲି ତାଲିକାରେ ଦର୍ଶାଯାଇଛି । ଏମିତି କି କେତେଜଣ ସହାୟତା ପାଇବା ପାଇଁ ଯୋଗ୍ୟ ଥିଲେ ମଧ୍ୟ ତାଲିକାରେ ସେମାନଙ୍କର ନାଁ ନାହିଁ । ପଞ୍ଚାୟତର ପ୍ରାୟ ସବୁ ଗାଁରେ ଏହିଭଳି କରାଯାଇଛି । ଅନ୍ୟପକ୍ଷରେ ବାତ୍ୟାର ଦେଢ ମାସ ପରେ ବି ଏ ପର୍ଯ୍ୟନ୍ତ ପଞ୍ଚାୟତର କୌଣସି ଗାଁକୁ ବିଦ୍ୟୁତ୍ ଆସିପାରିନାହିଁ । ଘରଭଙ୍ଗା କ୍ଷୟକ୍ଷତି ଆକଳନ ଠିକ୍ ଭାବେ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ଦିଆଯିବାକୁ ସେ ଦାବି କରିଛନ୍ତି । ସେହିପରି ବାଲିଫୁଟ ପଞ୍ଚାୟତ ବାଲିଫୁଟ ଗାଁର ବିନୋଦ ଶତପଥୀ ମଧ୍ୟ ସମାନ ପ୍ରକାର ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ତାଙ୍କର ଚାରି ବଖରା ଘର ଭାଙ୍ଗିଯାଇଛି । ସେ ବର୍ତ୍ତମାନ ପିଲାଛୁଆଙ୍କୁ ନେଇ ତାଙ୍କ ସମ୍ପର୍କୀୟଙ୍କ ଘରେ ରହୁଛନ୍ତି । ହେଲେ ଘରଭଙ୍ଗା କ୍ଷୟକ୍ଷତି ଆକଳନ ତାଲିକାରେ ତାଙ୍କ ନାଁ ନାହିଁ । କିନ୍ତୁ ଗୋଟିଏ ଗୋଟିଏ ପରିବାର ଯାହାର ଏକାଧିକ ବଖରା କୋଠାଘର ରହିଛି ସେମାନଙ୍କର ନାଁ ତାଲିକାରେ ସ୍ଥାନ ପାଇଛି । ପୁଣି ଗୋଟିଏ ପରିବାରରୁ ବାପା, ପୁଅ ଏପରି କି ମା' ନାମ ମଧ୍ୟ ତାଲିକାରେ ରହିଛି । ଏହି ପଞ୍ଚାୟତର ବେତାଳ, ଲକ୍ଷ୍ମୀନାରାୟଣପୁର, ଅମ୍ବୁରିପଡ଼ା ଓଡ଼ସାହି, ରାଉତସାହି ପ୍ରଭୃତି ଗାଁରେ ମଧ୍ୟ ଏହିପରି ତାଲିକାରେ ପକ୍ଷପାତିତା ହୋଇଥିବା ସେ ପ୍ରକାଶ କରିଛନ୍ତି ।

# ଫ୍ଲାଟ୍ ଦେବା ନାଁରେ ନାଭି ଅଫିସରଙ୍କଠାରୁ ୭୧ଲକ୍ଷ ଠକେଇ

■ ଓଡ଼ିଶା ହୋମ୍ ଆଣ୍ଡ୍ କମର୍ସିଆଲ ନାଁରେ ମାମଲା

■ ବିଲ୍ଡରଙ୍କୁ ଗିରଫ କରୁନି ପୋଲିସ

**ଭୁବନେଶ୍ୱର, ୨୫ା୬(ବ୍ୟୁରୋ)**

ଫ୍ଲାଟ ଦେବାକୁ କହି ଏକ ବିଲ୍ଡର ସଂସ୍ଥା ଜଣେ ମର୍ଚ୍ଚାଣ୍ଟ ନାଭି ଅଫିସରଙ୍କଠାରୁ ୭୧ ଲକ୍ଷ ଟଙ୍କା ଠକି ନେଇଛନ୍ତି । ଏନେଇ 'ଓଡିଶା ହୋମ୍ ଆଣ୍ଡ କମର୍ସିଆଲ ନାମକ ଏକ ବିଲ୍ଡର ସଂସ୍ଥା ନାମରେ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି । ବାରମ୍ବାର ଅଭିଯୋଗସତ୍ତ୍ୱେ ପୋଲିସ ମାମଲା ରୁଜୁ କରୁ ନ ଥିଲା । ଅଭିଯୋଗକାରୀ ପ୍ରଫୁଲ୍ଲ କୁମାର ବେହେରା ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ଭେଟିବା ପରେ ଥାନା ପୋଲିସ ସଂସ୍ଥାର ଏମ୍‌ଡି ମନୋଜ କୁମାର ପଣ୍ଡା, ସରୋଜ କୁମାର ପଣ୍ଡା ଓ ଅରବିନ୍ଦ ସାନ୍ତରାଙ୍କ ନାମରେ ଆଇପିସି ଦଫା ୪୨୦ ଓ ୩୪ ଅନୁଯାୟୀ ଏକ ମାମଲା (ନଂ.୨୭୯/୧୯) ରୁଜୁ କରି ତଦନ୍ତ ଚଳାଇଛି । ଗତ ୧୩ ତାରିଖରୁ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ତୁରନ୍ତ ପଦକ୍ଷେପ ଗ୍ରହଣ ନ କରିବାରୁ ଅଭିଯୁକ୍ତମାନେ ଫେରାର ହେବା ସହ ହାଇକୋର୍ଟରୁ ଆଗୁଆ ଜାମିନ ପାଇଁ ଯୋଜନା କରୁଥିବା ପ୍ରଫୁଲ୍ଲ କହିଛନ୍ତି ।

ମିଳିଥିବା ସୂଚନାନୁସାରେ, ନୟାପଲ୍ଲୀ ଥାନା ଆଇଆର୍‌ସି ଭିଲେଜ ଭିଆଇପି କଲୋନୀସ୍ଥିତ ପ୍ଲଟ ନଂ–୧୫୬ରେ ରହିଛି ଉକ୍ତ ବିଲ୍ଡର ସଂସ୍ଥା । ଜୟଦେବ ବିହାର ନିକଟରେ ରୁହନ୍ତି ଅଭିଯୋଗକାରୀ ପ୍ରଫୁଲ୍ଲ କୁମାର ବେହେରା । ତାଙ୍କ ପୁଅ ସିଙ୍ଗାପୁରରେ ମର୍ଚ୍ଚାଣ୍ଟ ନାଭିରେ ଚାକିରି କରନ୍ତି । ପୁଅ ପ୍ରଶାନ୍ତ ଫ୍ଲାଟ୍ କିଣିବାକୁ ସଂସ୍ଥା ସହ ଯୋଗାଯୋଗ କରିଥିଲେ । ୨୦୧୪ରେ ସଂସ୍ଥା ତାଙ୍କୁ କଳିଙ୍ଗ ଷ୍ଟୁଡିଓ ଛକ ନିକଟରେ ହେଉଥିବା ଏକ ପ୍ରୋଜେକ୍ଟରେ ଫ୍ଲାଟ ଦେବାକୁ କହି ୫୭ ଲକ୍ଷ ଟଙ୍କା ନେଇଥିଲା । ୨୦୧୫ ଶେଷ ହୋଇଯାଇଥିଲେ ମଧ୍ୟ ସଂସ୍ଥା ତାଙ୍କୁ ଫ୍ଲାଟ ଦେଇପାରି ନ ଥିଲା । ଟଙ୍କା ଫେରାଇବାକୁ ପ୍ରଶାନ୍ତ କହିବାରୁ ରସୁଲଗଡରେ ହେଉଥିବା ଆଉ ଏକ ପ୍ରୋଜେକ୍ଟରେ ଘର ଦେବ ବୋଲି ସଂସ୍ଥା କହିଥିଲା । ଏଥିପାଇଁ ଆହୁରି ୧୪ ଲକ୍ଷ ଟଙ୍କା ନେଇଥିଲେ ମଧ୍ୟ ଘର ଦେଇପାରି ନ ଥିଲେ । ସଂସ୍ଥାର ନିର୍ଦ୍ଦେଶକ ଓ ଅନ୍ୟମାନେ ଧରାଛୁଆଁ ନ ଦେବାରୁ ଗତ ୪ ମାସ ତଳେ ଥାନାରେ ଅଭିଯୋଗ କରିଥିଲେ । ତତ୍‌କାଳୀନ ଥାନାଧିକାରୀ ଉମାକାନ୍ତ ପ୍ରଧାନ ବିଲ୍ଡରଙ୍କୁ ଥାନାକୁ ଡାକିଥିଲେ । ହେଲେ ସେ ନିଜେ ନ ଆସି ଅନ୍ୟ ଜଣଙ୍କୁ ପଠାଇ ଟଙ୍କା ଫେରାଇବାକୁ କହି ଚେକ୍ ଧରାଇ ସମୟ ନେଇଥିଲେ । ପରେ ଉକ୍ତ ଚେକ୍ ବାଉନ୍ସ ହୋଇଯାଇଥିଲା । ଏହାପରେ ପୁଣି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କିଛି ଶୁଣି ନ ଥିଲା । ପ୍ରଶାନ୍ତ ଚାକିରି କରୁଥିବାରୁ ବାପା ପ୍ରଫୁଲ୍ଲ ଥାନାକୁ ଦୌଡିବା ପରେ ଶେଷରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କୁ ଭେଟି ଜଣାଇଥିଲେ । ପୋଲିସ କମିଶନରଙ୍କ ନିର୍ଦ୍ଦେଶ ପରେ ନୟାପଲୀ ଥାନା ଅଧିକାରୀ ସଂପୃକ୍ତ ବିଲ୍ଡରଙ୍କ ନାମରେ ମାମଲା ରୁଜୁ କରିଛନ୍ତି । ଏନେଇ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି,ଏନେଇ ଆମେ ଏକ ମାମଲା ରୁଜୁ କରି ତଦନ୍ତ କରୁଛୁ। ଏ ସଂକ୍ରାନ୍ତ କାଗଜପତ୍ର ଯାଞ୍ଚ କରାଯାଉଛି । ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ।



ଠକେଇର ଶିକାର ପ୍ରଶାନ୍ତ ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**କଟକ ଅଫିସ,୨୫ା୬:** ବିଡ଼ାନାସୀ ମଣ୍ଟେଶ୍ୱରୀ ଗଡ଼ା ନିକଟରେ ମଙ୍ଗଳବାର ଟ୍ରକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ନରସିଂହପୁର ନୂଆଗାଁର ନିରୂପମା ତ୍ରିପାଠୀ। ଗୁରୁତର ସ୍ୱାମୀ ବିଭୂତିଭୂଷଣ ତ୍ରିପାଠୀଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବିଡ଼ାନାସୀ ମଣ୍ଟେଶ୍ୱରୀ ଗଡ଼ା ନିକଟରେ ବିଭୂତିଭୂଷଣ ଓ ତାଙ୍କ ସ୍ତ୍ରୀ ନିରୁପମା ଏକ ବାଇକରେ ଯାଉଥିବା ବେଳେ ପଛପଟୁ ତାଙ୍କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନିରୂପମାଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତର ବିଭୂତିଭୂଷଣଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବରପାଇ ବିଡ଼ାନାସୀ ଥାନା ପୋଲିସ ପହଞ୍ଚି ଟ୍ରକକୁ ଜବତ କରିଥିବା ଜଣାପଡ଼ିଛି।

### ବରିଷ୍ଠ ନାଗରିକଙ୍କ ଘରୁ ଡକାୟତି

**ପୁରୁଣା ଭୁବନେଶ୍ୱର,୨୫ା୬(ଡି.ଏନ୍.ଏ.)-** ଧଉଳୀ ଥାନା ଅଧୀନ ଶିଶୁପାଳଗଡ଼ ଗାୟତ୍ରୀ ନଗରରେ ସୋମବାର ବିଳମ୍ବିତ ରାତିରେ ଜଣେ ବରିଷ୍ଠ ନାଗରିକଙ୍କ ଘରୁ ଦୁଇ ଦୁର୍ବୃତ୍ତ ଝରକା ତାଡ଼ି ସୁନା ଓ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ଏହି ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ଅଧିକାରୀ ବ୍ରଜ କିଶୋର ମହାନ୍ତି ଓ ତାଙ୍କ ସ୍ତ୍ରୀ ପୁଷ୍ପଲତା ଘରେ ଶୋଇଥିବା ବେଳେ ରାତି ପ୍ରାୟ ୨ଟା ୩୦ରୁ ୩ଟା ସମୟରେ ଦୁଇ ଦୁର୍ବୃତ୍ତ ଘରେ ପଶି ଝରକାକୁ ଭାଙ୍ଗୁଥିଲେ। ଏହି ସମୟରେ ଶବ୍ଦ ଶୁଣି ଦମ୍ପତି ଉଠିଯିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଏକ ଲୁହା ରଡରେ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ଫଳରେ ଉଭୟେ ଭୟଭୀତ ହୋଇଯିବାରୁ ଦୁର୍ବୃତ୍ତମାନେ ସେମାନଙ୍କ ଉପସ୍ଥିତିରେ ଆଲମିରାରୁ ୪୦ଗ୍ରାମ ଓଜନର ସୁନା ଅଳଙ୍କାର ସହ ନଗଦ ୮ହଜାର ଟଙ୍କା ଲୁଟି ନେଇ ଯାଇଥିଲେ। ପରେ ମହିଳାଜଣକ ଚିତ୍କାର କରିବାରୁ ସେହି ସମୟରେ ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ ଦୁର୍ବୃତ୍ତଙ୍କ ପିଛା କରିଥିଲେ ସୁଦ୍ଧା ଧରିବାରେ ସଫଳ ହୋଇ ନ ଥିଲେ। ଏ ନେଇ ଦମ୍ପତି ମଙ୍ଗଳବାର ସକାଳେ ଥାନାରେ ଅଭିଯୋଗ କରିଛନ୍ତି।

■ ରେଳଯାତ୍ରୀଙ୍କ ସୁରକ୍ଷାକୁ ନେଇ ଡିଜିପିଙ୍କ ବୈଠକ

# କିନ୍ନରଙ୍କ ଉପରେ କଟକଣା, ଧରାହେବେ ଲୁଟେରା

**ଭୁବନେଶ୍ୱର, ୨୫ା୬(ବ୍ୟୁରୋ)**


ବୈଠକରେ ଡିଜିପି ଆର୍‌ପି ଶର୍ମା ଓ ଅନ୍ୟ ଅଧିକାରୀମାନେ।

■ ଷ୍ଟେଶନକୁ ନ ଆସିବାକୁ କିନ୍ନରଙ୍କୁ ବୁଝାଇବ ପୋଲିସ
■ ନିଶାଦିଆ ଲୁଟେରା, ପେସାଦାର ଅପରାଧୀଙ୍କୁ ଚିହ୍ନଟ ପାଇଁ ଟିମ୍ ଗଠନ
■ ନିଶା ଔଷଧ ଦେଉଥିବା ଦୋକାନୀ, ଅଟୋ ଡ୍ରାଇଭର ବି ଧରାହେବେ

ବିଗତ କିଛିଦିନ ହେବ ରେଳଷ୍ଟେଶନରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। କିନ୍ନର ଓ ଲୁଟେରା ଗ୍ୟାଙ୍ଗ୍ ଉତ୍ପାତ କରୁଛନ୍ତି। ଟ୍ରେନ୍ ଯାତ୍ରୀମାନେ ଷ୍ଟେଶନ ସମେତ ବାହାରେ ମଧ୍ୟ ଆକ୍ରମଣ, ଲୁଟ୍ ଓ ଚୋରିର ଶିକାର ହେଉଛନ୍ତି। ତେଣୁ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ମଙ୍ଗଳବାର ପୋଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଡିଜିପି କ୍ୟାମ୍ପ୍ ଅଫିସ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହି ବୈଠକରେ ଆର୍‌ପିଏଫ୍ ଆଇଜି ରାଜା ରାମ, ରେଲ୍‌ୱେ ଏଡିଜି ପ୍ରାଣବନ୍ଧୁ ଆଚାର୍ଯ୍ୟଙ୍କ ସମେତ ଜିଆର୍‌ପି ଓ ଆରପିଏଫ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ। ରେଲ୍‌ୱେ ସୁରକ୍ଷାକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ତେବେ କିନ୍ନରଙ୍କ ଉପରେ କଟକଣା ଲାଗୁ କରାଯିବା ସହ ଲୁଟେରାଙ୍କୁ ସାବାଡ଼ ପାଇଁ କେତେକ ନିଷ୍ପତ୍ତି ହୋଇଛି। ଟ୍ରେନ୍‌ରେ କିନ୍ନରମାନେ ମନଇଚ୍ଛା ପ୍ରବେଶ କରି ଯାତ୍ରୀଙ୍କୁ ଟଙ୍କା ମାଗୁଛନ୍ତି। ଟଙ୍କା ନ ମିଳିଲେ ଖରାପ ବ୍ୟବହାର କରୁଛନ୍ତି। ଏପରିକି ପରିବାର ସହ ଯାଉଥିବା ଯାତ୍ରୀଙ୍କୁ ଅଶ୍ଳୀଳତା ପ୍ରଦର୍ଶନ କରିବା ସହ ଆକ୍ରମଣ କରୁଛନ୍ତି। ବାହାରୁ ଆସୁଥିବା ଯାତ୍ରୀଙ୍କ ମନରେ ରାଜ୍ୟ ପ୍ରତି ଏହା ଭିନ୍ନ ଭାବନା ସୃଷ୍ଟି କରୁଛି। ତେଣୁ ଷ୍ଟେଶନକୁ କିନ୍ନରମୁକ୍ତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। କିନ୍ନରମାନେ ଯେପରି ଷ୍ଟେଶନ ନ ଆସିବେ ସେଥିଲାଗି ଆର୍‌ପିଏଫ୍, ଜିଆର୍‌ପି ଓ ସ୍ଥାନୀୟ ପୋଲିସ ପ୍ରାଥମିକ ସ୍ତରରେ ସେମାନେ ରହୁଥିବା ବସ୍ତିକୁ ଯିବେ। କିନ୍ନରଙ୍କ ଘରକୁ ଘର ଯାଇ ଷ୍ଟେଶନ ନ ଆସିବାକୁ ବୁଝାଇବେ। ଯଦି ସେମାନେ ନ ବୁଝନ୍ତି ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହାସହ ଭୁବନେଶ୍ୱର ରେଳଷ୍ଟେଶନରେ ନିଶାଦିଆ ଲୁଟେରାଙ୍କ ଉତ୍ପାତ ଯାତ୍ରୀ ଓ ପୋଲିସର ଚିନ୍ତା ବଢ଼ାଇ ଦେଇଛି। ନିଶାଦିଆ ଲୁଟେରାଙ୍କୁ ସାବାଡ ପାଇଁ ବୈଠକରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଜିଆର୍‌ପି ଓ ଆରପିଏଫ୍ ଅଧିକାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ପୂର୍ବରୁ ଗିରଫ ହୋଇ ଜେଲ ଯାଇଥିବା ନିଶାଦିଆ ଲୁଟେରାଙ୍କର ଏକ ତାଲିକା କରିବେ। ସେମାନଙ୍କ ସହ ଲିଙ୍କ୍‌ରେ ଥିବା ଔଷଧ ଦୋକାନ ଓ ଅଟୋ ଡ୍ରାଇଭରଙ୍କୁ ମଧ୍ୟ ଚିହ୍ନଟ କରାଯାଇ ଗିରଫ କରାଯିବ। ଆହୁରି ମଧ୍ୟ ଷ୍ଟେଶନରେ ଲୁଟ, ଚୋରି ଓ ଡକାୟତି କରୁଥିବା ପେସାଦାର ଅପରାଧୀଙ୍କ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପେସାଦାର ଅପରାଧୀଙ୍କୁ ଚିହ୍ନଟ ପାଇଁ ଆର୍‌ପିଏଫ୍ ଓ ଜିଆର୍‌ପି ଇନ୍ସପେକ୍ଟରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ତାଲିକା କରି ପେସାଦାର ଅପରାଧୀଙ୍କ ଗତିବିଧି ଉପରେ ନଜର ରଖାଯିବ। ସେହିଭଳି ସନ୍ଦିଗ୍ଧଙ୍କ ଉପରେ ମଧ୍ୟ ନଜର ରଖାଯିବ। ଅନେକ ସମୟରେ ସନ୍ଦିଗ୍ଧମାନେ ବ୍ୟାଗରେ ବିସ୍ଫୋରକ ସାମଗ୍ରୀ ଟ୍ରେନରେ ନେଉଥିବା ନଜିର ରହିଛି। ତେଣୁ ଯାତ୍ରୀଙ୍କ ବ୍ୟାଗ୍ ଯାଞ୍ଚକୁ କଡାକଡା କରାଯିବ। ଯେଉଁମାନଙ୍କ ଉପରେ ସନ୍ଦେହ ହେବ ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯିବା ସହ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବ। ତେବେ ପୂରା ସୁରକ୍ଷା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ସହ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍ ଖୋଲାଯିବ। ଉକ୍ତ ଗ୍ରୁପ୍‌ରେ ବିଭିନ୍ନ ଅପରାଧୀଙ୍କ ଫଟୋ ସହ ତଥ୍ୟ ଦିଆଯିବ। ପ୍ରତିମାସରେ ରେଲ୍‌ୱେ ଏସ୍‌ପି ଏବଂ ଡିଭିଜନାଲ ସିକ୍ୟୁରିଟି କମିଶନରଙ୍କୁ ନେଇ ଏକ ବୈଠକ ବସି ଅପରାଧ ନିୟନ୍ତ୍ରଣ ଓ ଅନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହେବ ବୋଲି ରେଲ୍‌ୱେ ଏଡିଜି ପ୍ରାଣବନ୍ଧୁ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଗକୁ ରଥଯାତ୍ରା ଥିବାରୁ ବାହାର ରାଜ୍ୟରୁ ପୁରୀକୁ ଆସିବାକୁ ଥିବା ଯାତ୍ରୀଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସେମାନଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଯେପରି ସେମାନେ ଆକ୍ରମଣ ଓ ଚୋରିର ଶିକାର ନ ହେବେ, ଟ୍ରେନ୍‌କୁ ଅପେକ୍ଷା କରିବା ବା ଯାତ୍ରାରେ ସୁରକ୍ଷାଜନିତ ସମସ୍ୟାରେ ନ ପଡିବେ ତାହା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଯାତ୍ରୀଙ୍କ ପାଇଁ ଷ୍ଟେଶନରେ ପାନୀୟ ଜଳ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି।

## କୋଟିପତି ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ, ୨୫ା୬**

■ ୨୯ ଲକ୍ଷ ୭୨ହଜାର ଟଙ୍କାର ବ୍ୟାଙ୍କ ଜମା
■ କଲିକତାରେ ଜମି କିଣିବା ପାଇଁ ଦେଇଛନ୍ତି ଅଗ୍ରିମ

ମୟୂରଭଞ୍ଜ ଜିଲା ଉଦଳା ମାଇନର ଇରିଗେଶନ ଉପଖଣ୍ଡର ସହକାରୀ ଯନ୍ତ୍ରୀ ନୀଳକଣ୍ଠ ପାଢୀଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୮୪ ଲକ୍ଷ ୬୬ହଜାର ୬୧୦ ଟଙ୍କା। ପାଢୀଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ପାଢୀଙ୍କ ଘର, ଅଫିସ ସମେତ ମୋଟ ୫ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ହେଉଛି ବାଲେଶ୍ୱର ସହରର ନେଳିଆବାଗଠାରେ ଥିବା ଆବାସିକ ତିନି ମହଲା କୋଠା, ବାଲେଶ୍ୱର ସହରରେ ଥିବା ସୁପ୍ରତିକ ରେସିଡେନ୍ସି ପରିସରରେ ଥିବା ଫ୍ଲାଟ, ବାଲେଶ୍ୱର ଜିଲା ଓଡଙ୍ଗୀ ଗ୍ରାମରେ ଥିବା ଘର, ବାଲେଶ୍ୱର ସହରର ମିର୍ଜାପୋଖରୀଠାରେ ଥିବା ସମ୍ପର୍କୀୟଙ୍କ ଘର ଓ ଉଦଳାସ୍ଥିତ କାର୍ଯ୍ୟାଳୟ। ଯାଞ୍ଚରୁ ଠାବ ହୋଇଥିବା ସମ୍ପତ୍ତିଗୁଡ଼ିକର ମୂଲ୍ୟ ଅନୁଯାୟୀ ନେଳିଆବାଗଠାରେ ଥିବା ତିନି ମହଲା କୋଠାର ମୂଲ୍ୟ ୪୯ ଲକ୍ଷ ୨୮ହଜାର ୧୮୮ ଟଙ୍କା ହୋଇଥିବା ବେଳେ ଓଡଙ୍ଗୀ ଗ୍ରାମରେ ଥିବା ଦୁଇ ମହଲା କୋଠାର ମୂଲ୍ୟ ୧୭ ଲକ୍ଷ ୪୪ହଜାର ୪୯୫ ଟଙ୍କା ବୋଲି ଭିଜିଲାନ୍ସ ହିସାବ କରିଛି। ସେହିପରି ଭୁବନେଶ୍ୱରରେ ତାଙ୍କର ଏକ ଫ୍ଲାଟ ରହିଛି। ଯାହାର ମୂଲ୍ୟ ୨୭ ଲକ୍ଷ ୫୮ହଜାର ୯୪୦ ଟଙ୍କା ହେବ। ଅନ୍ୟପକ୍ଷରେ ବାଲେଶ୍ୱର ସହର ଆଦି ଅଞ୍ଚଳରେ ତାଙ୍କର ୪ଟି ଫ୍ଲାଟ ରହିଛି। ଉକ୍ତ ଫ୍ଲାଟ ସମୂହର ମୂଲ୍ୟ ୭ ଲକ୍ଷ ୧୧ହଜାର ୮୧୩ ଟଙ୍କା ହୋଇଥିବା ବେଳେ କଲିକତାର ହରିଶ ମୁଖାର୍ଜୀ ରୋଡ ନିକଟରେ ନିଜ ପୁତୁରା ନାଁରେ ଜମି କିଣିବା ପାଇଁ ଏକ ରିୟଲ ଇଷ୍ଟେଟ୍ ସଂସ୍ଥାକୁ ସେ ୭ ଲକ୍ଷ ୩୬ହଜାର ଟଙ୍କା ଅଗ୍ରିମ ଆକାରରେ ଦେଇଥିବା ଭିଜିଲାନ୍ସ ଯାଞ୍ଚରୁ ଜଣାପଡ଼ିଛି। ପାଢୀଙ୍କ ଘରୁ ଗୋଟିଏ ମାରୁତି ଏଷ୍ଟିଲୋ କାର୍, ଗୋଟିଏ ବଜାଜ୍ ପଲ୍‌ସର ମୋଟରସାଇକେଲ ଓ ଗୋଟିଏ ଆକ୍ଟିଭା ସ୍କୁଟି ଭିଜିଲାନ୍ସ ଠାବ କରିଛି। ଉକ୍ତ ଗାଡ଼ିଗୁଡ଼ିକର ମୂଲ୍ୟ ୫ ଲକ୍ଷ ୨୬ହଜାର ୬୫୦ ଟଙ୍କାର ଆକଳନ କରାଯାଇଛି। ବିଭିନ୍ନ ବ୍ୟାଙ୍କ ଓ ମ୍ୟୁଚୁଆଲ ଫଣ୍ଡ ବାବଦରେ ସେ ୨୯ ଲକ୍ଷ ୭୨ହଜାର ୪୦୯ ଟଙ୍କା ଜମା ରଖିଥିବା ବେଳେ ପୋଷ୍ଟ ଅଫିସରେ ୧୦ ଲକ୍ଷ ୪୬ହଜାର ୪୧୨ ଟଙ୍କା ଜମା ରଖିଛନ୍ତି। ଏଲ୍‌ଆଇସି ବାବଦରେ ୭ ଲକ୍ଷ ୪୩ହଜାର ୧୧୯ ଟଙ୍କା ଜମା ଥିବାବେଳେ ଘରୁ ୧୧ ଲକ୍ଷ ୭୭ହଜାର ୪୮୦ ଟଙ୍କାର ସୁନାଗହଣା ଭିଜିଲାନ୍ସ ଠାବ କରିଛି। ଯାଞ୍ଚ ସମୟରେ ଘରୁ ନଗଦ ୪୯ହଜାର ୮୫୮ ଟଙ୍କା ଠାବ ହୋଇଥିବା ବେଳେ ୧୦ ଲକ୍ଷ ୭୧ହଜାର ୧୮୫ ଟଙ୍କା ମୂଲ୍ୟର ଆସବାବପତ୍ର ମଧ୍ୟ ଭିଜିଲାନ୍ସ ଠାବ କରିଛି। ଠାବ କରାଯାଇଥିବା ସମସ୍ତ ସମ୍ପତ୍ତି ସହକାରୀ ଯନ୍ତ୍ରୀ ପାଢୀ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ଭୁବନେଶ୍ୱର, ୨୫ା୬(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ମହିଳା ଗ୍ରାଇଣ୍ଡରରେ ମସଲା ପ୍ରସ୍ତୁତ କରୁଥିବାବେଳେ ବିଦ୍ୟୁତ ଆଘାତରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ସାଲିଆ ସାହି ମହାବୀର ବସ୍ତି ଅଞ୍ଚଳରେ ରହୁଥିବା ଦିଲ୍ଲୀପ ବେହେରାଙ୍କ ସ୍ତ୍ରୀ ରୋଜାଲିନ ସାହୁ(୩୨)। ସୂଚନା ମୁତାବକ, ରୋଜାଲିନ ପ୍ରତିଦିନ ପରି ସକାଳୁ ଉଠି ନିତ୍ୟକ୍ରମ ସାରି ରୋଷେଇ କାମରେ ଲାଗି ପଡ଼ିଥିଲେ। ସକାଳ ପ୍ରାୟ ୯ଟାରେ ଗ୍ରାଇଣ୍ଡରରେ ମସଲା ତିଆରି କରୁଥିଲେ। ହଠାତ୍ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିବାରୁ ସେ ଚିତ୍କାର କରି ତଳେ ପଡିଯାଇଥିଲେ। ପାଟିଶୁଣି ସ୍ୱାମୀ ଦିଲ୍ଲୀପ ସେଠାରେ ପହଞ୍ଚି ରୋଜାଲିନଙ୍କ ହାତ ପୋଡ଼ି ଯାଇଥିବା ଓ ସେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ୭୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ୪ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**କଟକ ରୋଡ, ୨୫ା୬(ଡି.ଏନ୍.ଏ.)**

**ଖସିଗଲେ ମୁଖ୍ୟ ଚାଲାଣକାରୀ**


ଗିରଫ ଅଭିଯୁକ୍ତ ଓ ଚଢ଼ାଉ କରିଥିବା ଟିମ୍।

ପୁଣି ରାଜଧାନୀରୁ ଜବତ ହୋଇଛି ବ୍ରାଉନସୁଗାର। କଟକ କେନ୍ଦ୍ରାଞ୍ଚଳ ଗୋଇନ୍ଦା ସଂସ୍ଥା ମଙ୍ଗଳବାର ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣି ମୁଣ୍ଡାସାହିରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ସାହିରେ ରହୁଥିବା ଜଗନ୍ନାଥ ମହାପାତ୍ର। ତାଙ୍କ ଠାରୁ ୩୯ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ଗୋଇନ୍ଦା ସଂସ୍ଥା ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଜଗନ୍ନାଥଙ୍କୁ ପ୍ରତ୍ୟେକ ଦିନ ଜଣେ ଯୁବକ ଏକ ବାଇକ୍‌ରେ ଆସି ବ୍ରାଉନସୁଗାର ଯୋଗାଇଥାନ୍ତି। ଗତ ୨ମାସ ହେବ ଏହି ସୂଚନା ଗୋଇନ୍ଦା ତଥା ଅବକାରୀ ବିଭାଗର ଅଧିକାରୀଙ୍କୁ ମିଳିଥିଲା। ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ଚାଲାଣକାରୀ ଓ ଜଗନ୍ନାଥଙ୍କୁ ଧରିବା ପାଇଁ ଏକ ଟିମ୍ ମୁଣ୍ଡା ସାହି ନିକଟରେ ଜଗି ରହିଥିଲେ। କିନ୍ତୁ ଜଗନ୍ନାଥ ତାଙ୍କ ଘର ନିକଟରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ବେଳେ ମୁଖ୍ୟ ଚାଲାଣକାରୀ ଚଢ଼ାଉ ପୂର୍ବରୁ ଖସି ଯାଇଥିଲେ ବୋଲି ଗୋଇନ୍ଦା ଇନ୍‌ସପେକ୍ଟର ଜଗଦୀଶ ସାମଲ କହିଛନ୍ତି। ଏ ନେଇ ଅବକାରୀ ଗୋଇନ୍ଦା ସଂସ୍ଥାରେ ମାମଲା(ନଂ. ୫୭/୨୦୧୯-୨୦୨୦)ରୁଜୁ ହୋଇଛି। ସୂଚନାଥାଉକି, ଗତ ୨୧ ତାରିଖରେ ନୟାପଲ୍ଲୀ ଥାନା ଅଧୀନ ସାଲିଆ ସାହି ବାଜପେୟୀ ନଗରରେ କମିଶନରେଟ ପୋଲିସ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଥିବା ବେଳେ ଲକ୍ଷ୍ମୀସାଗର ଥାନା ଅଧୀନ ପୁରୁଣା ଷ୍ଟେଶନ ବଜାର ଅଞ୍ଚଳରେ ବ୍ରାଉନସୁଗାର ବିକୁଥିବା ଅଭିଯୋଗରେ ଲୋକେ ଜଣେ ଯୁବକଙ୍କୁ ଧରିଥିଲେ।

## ୧୭ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ, ୨୫ା୬**



ଖୋର୍ଦ୍ଧା ଅବକାରୀ ବିଭାଗ ଓ ଭୁବନେଶ୍ୱର ମୋବାଇଲ ସ୍କ୍ୱାଡ ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳର ଗୁରୁଜଙ୍ଗ ଦେୱାନସାହି ଉପରେ ଚଡାଉ କରି ୧୭ ଗ୍ରାମ ବ୍ରାଉନସୁଗାର ମଙ୍ଗଳବାର ପୂର୍ବାହ୍ନରେ ଜବତ କରିଛି। ଯାହାର ଦାମ ୧ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାରେ ନଂ. ୨୬/୧୯ରେ ମାମଲା ରୁଜୁ କରାଯାଇ ଖୋର୍ଦ୍ଧା ସହର ମଠସାହିର ଛବିନ୍ଦ୍ର ପ୍ରଧାନ ଓରଫ ଲଣ୍ଡା(୩୭)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଲଣ୍ଡାଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ବାଲେଶ୍ୱର ଜିଲାର ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ଖୋର୍ଦ୍ଧାରେ ବ୍ରିକି କରୁଥିବା ଲଣ୍ଡା ସ୍ୱୀକାର କରିଥିବା ଅବକାରୀ ଇନ୍ସପେକ୍ଟର ରଞ୍ଜନ ନାୟକ ସୂଚନା ଦେଇଛନ୍ତି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ



## ସଂକ୍ଷେପରେ

### ବିଇଓ ଅଫିସ ଆଗରେ ଶିକ୍ଷକଙ୍କ ଧାରଣା

**ନିଶ୍ଚିନ୍ତକୋଇଲି,୨୫।୬(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ଶିକ୍ଷକ ସୀତାକାନ୍ତ ସାମଲ ମଙ୍ଗଳବାର ଧାରଣାରେ ବସିଥିଲେ। ଖବର ପାଇ ସାଲେପୁର ବ୍ଲକ ଏବିଇଓ ଜଗବନ୍ଧୁ ଶତପଥୀ ଘଟଣାସ୍ଥଳକୁ ଆସି ତାଙ୍କ ଅଭିଯୋଗ ଶୁଣିବା ସହ ଘଟଣାର ତଦନ୍ତ କରି ଧାରଣା ପ୍ରତ୍ୟାହୃତ କରିବା ପାଇଁ ନିବେଦନ କରିଥିଲେ। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଶିକ୍ଷକ ଜଣଙ୍କ ଧାରଣାରେ ବସିଥିବା ଜଣାପଡ଼ିଛି। ବ୍ଲକ ଶିକ୍ଷାଧିକାରୀଙ୍କ ଅସାମ୍ବିଧାନିକ ନିଲମ୍ବନ ଓ ବଦଳି ପ୍ରତିବାଦରେ ସାମଲ ଧାରଣା ଦେଇଥିବା କହିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ସେ ନିଲମ୍ବନ ହୋଇଥିଲେ। ପରେ ନିଲମ୍ବନ ଆଦେଶ ଉଠାଯାଇ ତାଙ୍କୁ ପୁନର୍ବାର ନିଯୁକ୍ତି ଦିଆଯାଇଥିଲା। ୪ରୁ ୬ କିମି ମଧ୍ୟରେ ନୂଯୁକ୍ତି, ସମସ୍ତ ବକେୟା ଦରମା ପ୍ରଦାନ ଓ ତାଙ୍କ ନାମରେ ହୋଇଥିବା ମକଦ୍ଦମାକୁ ପ୍ରତ୍ୟାହାର ପାଇଁ ସେ ନିବେଦନ କରିଥିଲେ। ସମସ୍ୟା ସମାଧାନ ନ ହେବାରୁ ସେ ଧାରଣା ଦେଇଛନ୍ତି। ଏପରି କି ସେ ମଧ ବାରମ୍ବାର ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଆସୁଛନ୍ତି।

### ତୁଳସୀପୁର ରଥଯାତ୍ରା ପ୍ରସ୍ତୁତି ବୈଠକ

**ବାଙ୍କୀ,୨୫।୬(ବି.ପ୍ର.):** ବାଙ୍କୀ ବ୍ଲକ ଅଧୀନ ତୁଳସୀପୁର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦିପ୍ତୀରଞ୍ଜନ ସାହୁଙ୍କ ଅଧକ୍ଷତାରେ ଏହି ବୈଠକ ହୋଇଥିଲା। ତୁଳସୀପୁର ରଥଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଢ଼ଁସର, ତୁଳସୀପୁର, ନରଗାଙ୍ଗ, ପୋଡାଡିହ ଏବଂ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗଦେଇ ରଥ ଟାଣିଥାନ୍ତି। ଏଥିପାଇଁ ସମସ୍ତ ଶୃଙ୍ଖଳାଗତ ବ୍ୟବସ୍ଥା କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏପରି କି ବିଭିନ୍ନ କମିଟି ଗଠନ କରାଯାଇଛି। ବୈଠକରେ ଦିନେଶ ପ୍ରଧାନ, କାଶୀନାଥ ପ୍ରଧାନ, ନାରାୟଣ ଜେନା, ଭଜକିଶୋର ରାଉତ, ଦୁଃଖୀଶ୍ୟାମ ଶତପଥୀ, ଟୁଲିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଆହତ ଯୁବକଙ୍କ ମୃତ୍ୟୁ

**ସାଲେପୁର,୨୫।୬(ଡି.ଏନ.ଏ.):** ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ଅଧୀନ ଲୁଣାହାର ଗ୍ରାମର ପ୍ରଭଞ୍ଜନ ଭୂୟାଁ। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ପ୍ରଶାନ୍ତ କୁମାର ବେହେରା ଗଭୀର ଶୋକପ୍ରକାଶ କରିଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ୧୪ ତାରିଖ ରାତିରେ କଟକ-ଚାନ୍ଦବାଲି ରାସ୍ତାରେ ଯାଉଥିଲାବେଳେ କଳାଗ୍ମୀ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ।

■ କ୍ରିୟାଯୋଗ ଆଶ୍ରମ କର୍ତ୍ତୃପକ୍ଷଙ୍କ ବେଆଇନ ଜମି ଦଖଲ

# ସରକାରୀ ଖାତାକୁ ଆଣିବା ଦାବିରେ ବିକ୍ଷୋଭ

**ବାଙ୍କୀ,୨୫।୬(ସ୍ୱ.ପ୍ର.)**

୨୦୦୮-୦୯ ମସିହାରୁ କ୍ରିୟାଯୋଗ ଆଶ୍ରମ କର୍ତ୍ତୃପକ୍ଷ କୃପାଳଜୀ ବିଶ୍ୱବିଦ୍ୟାଳୟ ନାମରେ ଡମପଡ଼ା ତହସିଲର ବାଆଁରା, ରାମଚଣ୍ଡୀ ଓ କୁଅମଡା ଗ୍ରାମରୁ ଲିଜ ନେଇଥିବା ୧୦୦ ଏକର ଜମି ଓ ବେଆଇନ୍‌ଭାବେ ଦଖଲ କରିଥିବା ପ୍ରାୟ ୨ଶହ ଏକର ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବା ଦାବିରେ ସିପିଆଇ(ଏମ୍)ପକ୍ଷରୁ ମଙ୍ଗଳବାର ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏଥିସହ ଏ ନେଇ ଉପଜିଲାପାଳଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି।

କ୍ରିୟାଯୋଗ ଆଶ୍ରମ କର୍ତ୍ତୃପକ୍ଷ ଏକର ପିଛା ମାତ୍ର ୧ ଲକ୍ଷ ଟଙ୍କା ଦେଇ ୧୦୦ ଏକର ଜମି ନେଇଥିଲା ବେଳେ ଗରିବ ଲୋକଙ୍କୁ ଦିଆଯାଇଥିବା ଇଆରଆରପି କାଜୁ ଜଙ୍ଗଲର ଚାଷୀଙ୍କୁ ସରକାରଙ୍କ ଅଜାଣତରେ ଗଛ ପିଛା ଟଙ୍କା ଦେଇ ସେମାନଙ୍କ ହାତରୁ ଜମି ଛଡାଇ ନେଇଛନ୍ତି। ଏହା ଫଳରେ ବାଆଁରା ପଞ୍ଚାୟତରେ କୌଣସି ଉନ୍ନୟନ ଯୋଜନା ଯଥା- ଡାକ୍ତରଖାନା, ଖେଳପଡିଆ, କଲେଜ ହୋଇ ପାରୁନାହିଁ। ସେହିପରି ଭବିଷ୍ୟତ ବଂଶଧରଙ୍କ ପାଇଁ ଉଦ୍ଦିଷ୍ଟ ଆବାଦଯୋଗ୍ୟ ଅନାବାଦୀ ଏବଂ ପଶୁ ସମ୍ପଦଙ୍କ ପାଇଁ ଉଦ୍ଦିଷ୍ଟ ଗୋଚର, ମଶାଣି କିସମର ଜମିକୁ ବେଆଇନ୍ ଭାବରେ ଦଖଲ କରାଯାଇଛି। ବାଆଁରା ପଞ୍ଚାୟତର ଗୋଟିଏ ପାର୍ଶ୍ୱରେ ମହାନଦୀ ରହିଥିଲା ବେଳେ ଅନ୍ୟ ପାର୍ଶ୍ୱରେ ଥିବା ସମସ୍ତ ଜମି କୃପାଳଜୀ କର୍ତ୍ତୃପକ୍ଷ ଦଖଲକୁ ନେବା ଘଟଣା ଅଞ୍ଚଳର ବୁଦ୍ଧିଜୀବୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।



ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଥିବା ସିପିଆଇ (ଏମ୍)ର କର୍ମକର୍ତ୍ତା।

**■ଉପଜିଲାପାଳଙ୍କୁ ସିପିଆଇ(ଏମ୍)ର ୪ ଦଫା ଦାବିପତ୍ର**

**■ଜମି ଜବରଦଖଲ ନେଇ ଅଞ୍ଚଳର ବୁଦ୍ଧିଜୀବୀ ଚିନ୍ତାରେ**

ଲିଜ୍ ସର୍ତ୍ତ ଅନୁଯାୟୀ ପାଞ୍ଚବର୍ଷ ମଧ୍ୟରେ ଜମି କେଉଁ ଉଦ୍ଦେଶ୍ୟରେ ଦିଆଯାଇଛି ଓ ତାହା କାର୍ଯ୍ୟକାରୀ ନ ହେଲେ ଲିଜ୍ ବାତିଲ୍ ହେବ ବୋଲି ଉଲ୍ଲେଖ ରହିଛି। ଇତି ମଧ୍ୟରେ ୧୦ବର୍ଷ ବିତିଯାଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ପାଇଁ ପ୍ରାଥମିକ ଅନୁମତି ହାସଲ କରିବାରେ କୃପାଳଜୀ କର୍ତ୍ତୃପକ୍ଷ ବ୍ୟର୍ଥ ହୋଇଛନ୍ତି। ସିପିଆଇ(ଏମ୍)ପକ୍ଷରୁ ବାଙ୍କୀ ରଚିକ ମାର୍କେଟଠାରୁ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପରେ ସେଠାରେ ବିକ୍ଷୋଭ କରାଯିବା ସହ ଲିଜ୍‌କୁ ବାତିଲ୍ କରିବ । ସମେତ ଗ୍ରାମବାସୀଙ୍କୁ ମଶାଣି ଜମି ଯୋଗାଇ ଦେବାପାଇଁ ଉପଜିଲାପାଳଙ୍କୁ ଦିଆଯାଇଥିଲା। ଲିଜ୍ ସର୍ତ୍ତ ଖିଲାପ, ବେଆଇନ୍ ଜମି ଦଖଲ ଓ ୨୦୧୩ ଜମିଅଧି ଗ୍ରହଣ ଆଇନ୍ ଅନୁଯାଇ ଏହି ଲିଜ୍‌କୁ କାହିଁକି ବାତିଲ୍ କରାଯିବ ନାହିଁ ବୋଲି ସିପିଆଇ(ଏମ୍) ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଶବର ସମାଜ ବିକାଶ ସମିତି ସଭାପତି ସଞ୍ଜୟ ହାତୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ସିପିଆଇ(ଏମ୍) ଜିଲା ସମ୍ପାଦକ ବଦ୍ରିନାରାୟଣ ଦାସ୍, ଜିଲା କମିଟି ସଭ୍ୟ ରମେଶ ବେହେରା, ମାନସ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନାରୀ ନେତ୍ରୀ ଅପନୀ ବେହେରା, ଲଳିତ ହାତୀ, ଶୈନି ବେହେରା, ବିଦ୍ୟୁଲତା ଦେଉରୀ ଓ ଯୁବନେତା ଅକ୍ଷୟ ମାଝୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏ ନେଇ କ୍ରିୟାଯୋଗ ଆଶ୍ରମ କର୍ତ୍ତୃପକ୍ଷଙ୍କ ମତାମତ ମିଳି ପାରିନାହିଁ।

# ବନ୍ଧୁକ ଦେଖାଇ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍

**ନିଶ୍ଚିନ୍ତକୋଇଲି,୨୫।୬(ସ୍ୱ.ପ୍ର.)**

ସ୍ୱଷ୍ଟ ଦିବାଲୋକରେ ମଙ୍ଗଳବାର କଟକ ଜିଲାର ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ବଜାର ଓ ସାଲେପୁର ଥାନା ଅଧୀନ ଜହ୍ନିଆ ନିକଟରେ ବନ୍ଧୁକ ଦେଖାଇ ଲୁଟ୍ ହୋଇଛି। ଦୁର୍ବୃତ୍ତ ଉଭୟ ସ୍ଥାନରୁ ପିକ୍‌ଅପ୍ ଭ୍ୟାନରୁ ୧ ଲକ୍ଷ ୧୪ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ପାଇନାହିଁ।

ସୂଚନା ଅନୁସାରେ, ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ବଜାର ନିକଟରେ ଦୁଇ ପଲସରରେ ୪ ଦୁର୍ବୃତ୍ତ ଆସି ଜଣେ ପିକ୍‌ଅପ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି, ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ସୁକାନ୍ତ ଦାସ। ସେ ନିଜ ଗାଡି ଡ୍ରାଇଭର ହେମନ୍ତ ମଲିକଙ୍କ ହାତରେ ୫୦ ହଜାର ଟଙ୍କା ଦେଇ ବିଲହାଟରୁ ଫର୍ନିଚର କ୍ରୟ କରିବା ପାଇଁ ପଠାଇଥିଲେ। ପିକ୍‌ଅପ ଭ୍ୟାନ କେନ୍ଦ୍ରାପଡ଼ାରୁ ବିଲହାଟ ଅଭିମୁଖେ ଯାଉଥିଲା। କଟିକଟା ଛକ ନିକଟରେ ଦିନ ପ୍ରାୟ ୧୨ଟାରେ ହଠାତ୍ ଦୁଇଟି ପଲସରରେ ୪ଜଣ ଦୁର୍ବୃତ୍ତ ଆସି ତାଙ୍କ ଗାଡ଼ିକୁ ପିଛା କରିଥିଲେ। ଏପରି କି ବନ୍ଧୁକ ଦେଖାଇ ଡ୍ରାଇଭରଙ୍କୁ ଗାଡ଼ି ଅଟକାଇବାକୁ କହିଥିଲେ। ଗାଡ଼ି ରହିବାମାତ୍ରେ ଡ୍ରାଇଭରଙ୍କଠାରୁ ୫୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ସୁକାନ୍ତ ଆସି ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ନଂ-୬୮/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଜହ୍ନିହା ନିକଟରେ ଏକ ପିକଅପ ଭ୍ୟାନକୁ ଅଟକାଇ ଦୁର୍ବୃତ୍ତ ଭ୍ୟାନରେ ଥିବା ରାଜନଗର ଅଞ୍ଚଳର ମନୋଜ ରାଉତଙ୍କଠାରୁ ୬୪ ହଜାର ଟଙ୍କା ଲୁଟି ନେଇଛନ୍ତି। ସେ କଟକକୁ ଧାନ କିଣିବାକୁ ଯାଉଥିଲେ। ଦୁଇ ପଲସରରେ ୪ ଲୁଟେରା ଆସି ତାଙ୍କୁ ବନ୍ଧୁକ ଦେଖାଇ ଲୁଟ୍ କରିଥିବା ଜଣାଯାଇଛି। ଏ ନେଇ ସାଲେପୁର ଥାନାରେ ଏକ ମାମଲା ନଂ-୧୫୦/୧୯ରୁଜୁ ହୋଇଛି।

■ ଅନନ୍ତଙ୍କ ସାଧନାରେ ଓଡ଼ିଆ ସାହିତ୍ୟ ସମୃଦ୍ଧ

# ବିଭୂତି ପଟ୍ଟନାୟକଙ୍କୁ କବି ଅନନ୍ତ ପଟ୍ଟନାୟକ ସାହିତ୍ୟ ସମ୍ମାନ



ଅତିଥି ବିଭୂତି ପଟ୍ଟନାୟକଙ୍କୁ ସମ୍ମାନିତ କରୁଛନ୍ତି।

**କଟକ ଅଫିସ,୨୫।୬**

କବି ଅନନ୍ତ ପଟ୍ଟନାୟକ ଓଡ଼ିଆ ସାହିତ୍ୟ ଇତିହାସର ଅନନ୍ୟ ଅଧ୍ୟାୟ। ତାଙ୍କ ସାରସ୍ୱତ ସାଧନା ଓଡ଼ିଆ କବିତା, ପ୍ରବନ୍ଧ, ନାଟକ, ଗଳ୍ପ, ଉପନ୍ୟାସ, ଶିଶୁସାହିତ୍ୟ ଓ ସ୍ତମ୍ଭ ରଚନାକୁ ସମୃଦ୍ଧ କରିଛି। ସାରା ଜୀବନ ବିପ୍ଳବର ପଥକୁ ବରଣ କରିଥିବା ଏହି ମହାନ୍ ସ୍ରଷ୍ଟାଙ୍କ ସୃଷ୍ଟିରେ ସେହି ସଂଗ୍ରାମର ସ୍ୱର ହିଁ ମର୍ମରିତ ହୋଇଛି ବୋଲି ବିଶିଷ୍ଟ ବକ୍ତାମାନେ କହିଛନ୍ତି। ଉତ୍କଳ ସାହିତ୍ୟ ସମାଜ ଓ କବି ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ମଙ୍ଗଳବାର ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ କବି ଅନନ୍ତ ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟାରେ ବକ୍ତାମାନେ ଏହି କଥା କହିଛନ୍ତି। ଉତ୍ସବରେ ବିଶିଷ୍ଟ କଥାକାର ଡ. ବିଭୂତି ପଟ୍ଟନାୟକଙ୍କୁ କବି ଅନନ୍ତ ପଟ୍ଟନାୟକ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା ।

ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଥାଶିଳ୍ପୀ ବୀଣାପାଣି ମହାନ୍ତି ଯୋଗଦେଇ କହିଥିଲେ, ଅନନ୍ତ ପଟ୍ଟନାୟକ ସାରା ଜୀବନ ସାରସ୍ୱତ ସାଧନାରେ ବ୍ରତୀ ହୋଇଥିଲେ। ତାଙ୍କ ସାହିତ୍ୟ ସମାଜ, ଜୀବନ ଓ ସଂଗ୍ରାମର ଚିତ୍ରରେ ବେଶ୍ ପ୍ରଭାବଶାଳୀ। ସେ ଜଣେ ମାନବବାଦୀ ସ୍ରଷ୍ଟା ଭାବେ ଓଡ଼ିଆ ସାହିତ୍ୟ ଇତିହାସରେ ସ୍ମରଣୀୟ ହୋଇ ରହିବେ। କବି ଅନନ୍ତ ପଟ୍ଟନାୟକ ସାହିତ୍ୟ ସମ୍ମାନ ଗ୍ରହଣ କରି ସାରସ୍ୱତ ସାଧକ ଡ. ବିଭୂତି ପଟ୍ଟନାୟକ କବି ଅନନ୍ତଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ବିଷୟରେ ଉଲ୍ଲେଖ କରି ତାଙ୍କ ସଂଗ୍ରାମୀ ଜୀବନ ଓ ସମ୍ପାଦନା କ୍ଷେତ୍ରରେ ଦକ୍ଷତା ଉତ୍ତରପିଢ଼ି ପାଇଁ ଦିଗ୍‌ବାରେଣୀ ହୋଇ ରହିବ ବୋଲି କହିଥିଲେ। ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦର ସମ୍ପାଦକ ଡ.ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ତରୁଣ କୁମାର ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ମୀନାକ୍ଷୀ ଦେବୀ ମାନପତ୍ର ପାଠ କରିଥିଲେ। ସଂଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ କବିଙ୍କ ପୁତ୍ର ଅମରେଶ ପଟ୍ଟନାୟକଙ୍କ ସମେତ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଡେଙ୍ଗୁ, ଡାଇରିଆ ସଚେତନତା ଅଭିଯାନ

**କଟକ ଅଫିସ, ୨୫।୬**

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସଶକ୍ତ ଡାଇରିଆ ନିୟନ୍ତ୍ରଣ ମାସ ଓ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଜନସଚେତନତା ଅଭିଯାନ ନିମନ୍ତେ ମଙ୍ଗଳବାର ଏକ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ବିଜୟଶ୍ରୀ ଖଣ୍ଡାୟତରାୟଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ବୈଠକରେ ଅନେକ ଆଲୋଚନା ହୋଇଛି। ଗୋଟିଏପଟେ ଏହି ବୈଠକ ଚାଲିଥିବା ବେଳେ ଅନ୍ୟପଟେ ଉପରୋକ୍ତ ରୋଗଗୁଡ଼ିକ ଜିଲାର ଚିରସହଚର ପାଲଟିଛି। ଏବେ କଟକରେ ଡେଙ୍ଗୁ ଓ ଜଣ୍ଡିସର ପ୍ରକୋପ ଦେଖାଦେଇଛି। ସହରରୁ ୬ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୧୦ ଜଣ୍ଡିସ ରୋଗୀ ଚିହ୍ନଟ ହୋଇଛନ୍ତି। ଗଙ୍ଗାମନ୍ଦିର, କାଳୀଗଳି, ବଜ୍ରକବାଟି, ରକ୍ସିଲେନ୍, ବାଲୁବଜାର ଆଦି ଅଞ୍ଚଳରେ ଜଣ୍ଡିସ ବ୍ୟାପୁଥିବା ବେଳେ ଯୋବ୍ରା, ରାଣୀହାଟ ଅଞ୍ଚଳରେ ଡେଙ୍ଗୁ ମୁଣ୍ଡ ଟେକୁଛି। ମୁଖ୍ୟତଃ ୩୦ ବର୍ଷ ପୁରୁଣା ପାଣି ପାଇପ ଲାଇନ ଯୋଗେ ସହରବାସୀଙ୍କୁ ଜଳ ଯୋଗାଣ କରାଯାଉଛି। ବିଭିନ୍ନ ସମୟରେ ଏହି ପାଣି ପାଇପ ଫାଟି ଡ୍ରେନ ପାଣି ମିଶିଯିବାରୁ ଜଣ୍ଡିସ ଭଳି ଅନେକ ଜଳବାହିତ ରୋଗ ବ୍ୟାପୁଛି। ମୋଟ ୫୧୩ କି.ମି. ପାଣି ପାଇପ ଲାଇନ ମଧ୍ୟରୁ ୧୧୩ କି.ମି. ପାଇପ ବଦଳା ଯାଇଥିବା ବେଳେ ଆହୁରି ୪୦୦ କି.ମି. ବାକି ଅଛି। ସବୁ ପାଇପ ବଦଳାଇବା ସମ୍ଭବ ନୁହେଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଘଡାଇ କହିଛନ୍ତି। ତେବେ ସଂଯୋଗସ୍ଥଳ ଓ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରୁ ପାଇପ ବଦଳାଯାଉଥିବା ସେ ସୂଚନା ଦେଇଛନ୍ତି। ସହରବାସୀଙ୍କୁ ମେଗା ପାଇପ ୱାଟର୍ ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଉଥିବା ବେଳେ ତାହା କେବେ ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟ ତଥ୍ୟ ଦେଇପାରୁନି। ଏହାବାଦ ଗ୍ରାମାଞ୍ଚଳକୁ ଦେଖିଲେ ସମାନ ଅବସ୍ଥା। ଜିଲାର ଟାଙ୍ଗୀ, ସାଲେପୁର ଓ ମାହାଙ୍ଗା ପ୍ରଭୃତି ଅଞ୍ଚଳରେ ପାନୀୟଜଳକୁ ନେଇ ଉତ୍କଟ ଅବସ୍ଥା ଉପୁଜିଛି। ୫ ଦିନ ହେବ ଜାତିପାରିଲୋ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ୭ଟି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ଏଭଳି ପରିସ୍ଥିତି ଲାଗି ରହିଥିବା ବେଳେ ଏହି ବୈଠକ ପ୍ରହସନ ବୋଲି ଲୋକେ ମତ ଦେଉଛନ୍ତି।

ସୂଚନାଥାଉକି, ଜିଲାରେ ୧୭ ଜୁନ୍ ଠାରୁ ୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ସଶକ୍ତ ଡାଇରିଆ ନିୟନ୍ତ୍ରଣ ମାସ ଓ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଜନସଚେତନତା ଅଭିଯାନ ଚାଲିବ। ପ୍ରତି ଘରେ ଆଶାମାନଙ୍କ ଦ୍ୱାରା ଓଆର୍‌ଏସ୍ ଓ ଜିଙ୍କର ବଣ୍ଟନ କରାଯିବର ସ୍ଥିରୀକୃତ ହେଲା। ଏହାର ଲକ୍ଷ୍ୟ ହେଲା ୦ ରୁ ୫ ବର୍ଷ ବୟସ ତଳକୁ ଥିବା ପିଲାମାନଙ୍କର ମୃତ୍ୟୁକୁ ରୋକିବା ସଙ୍ଗେ ସଙ୍ଗେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗକୁ ପ୍ରତିରୋଧ କରିବା। ସମସ୍ତଙ୍କୁ ମଶାରି ବ୍ୟବହାର ଓ ଘର ଭିତର ଓ ବାହାରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିମନ୍ତେ ସଚେତନତା କରାଯିବ।

### ଦୁର୍ଘଟଣାରେ ପ୍ରଧାନଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ନରସିଂହପୁର,୨୫।୬(ଡି.ଏନ.ଏ.)**

ନରସିଂହପୁର ବ୍ଲକ ବାଲିସାହି ପଞ୍ଚାୟତ ଅଧୀନ ମୁକ୍ତାନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ନିରୁପମା ତ୍ରିପାଠୀ (୫୫)ଙ୍କ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ତାଙ୍କ ସ୍ୱାମୀ ବିଭୂତି ଭୂଷଣ ତ୍ରିପାଠୀଙ୍କ ସହିତ କଟକ ଯାଉଥିଲେ। ନରସିଂହପୁରଠାରେ ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବିଭୂତିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ବାଲିସାହି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ଶୋକ ପାଳନ କରିଛନ୍ତି। ସେ ପ୍ରାୟ ୧୦ ବର୍ଷଧରି ଏହି ବିଦ୍ୟାଳୟରେ ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରୁଥିଲେ। ସେହିପରି ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର ମଧ୍ୟ ଶୋକପ୍ରକାଶ କରିଛନ୍ତି।

■ ଯୁବତୀଙ୍କୁ ପ୍ରତାରଣା ଘଟଣା

# ହଡ଼ପ ଟଙ୍କା ଦେଇ ଥାନାରୁ ମୁକୁଳିଲେ ବର

**ମାହାଙ୍ଗା,୨୫।୬(ସ୍ୱ.ପ୍ର.)**

ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ଟଙ୍କା ହଡ଼ପ କରିଥିଲେ। ହେଲେ ସେହି ଯୁବତୀଙ୍କୁ ବିବାହ ନ କରି ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରୁଥିଲେ। ଏକଥା ଜାଣିବା ପରେ ସମ୍ପୃକ୍ତା ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇବା ପରେ ବିବାହସ୍ଥଳକୁ ଯାଇ ଘଟଣା ଘଟାଇଥିବା ଯୁବକ ତଥା ବରଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ପରେ ବର ହଡ଼ପ କରିଥିବା ଟଙ୍କା ଯୁବତୀଙ୍କୁ ଫେରସ୍ତ କରିବା ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଛି। ଏହି ଘଟଣା ମାହାଙ୍ଗା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ମାହାଙ୍ଗା ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର ବିକାଶ ଦାସଙ୍କ ସହ ୭-୮ ବର୍ଷ ତଳେ ମିଶ କଲରୁ ଭଦ୍ରକ ହରିପୁର ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବିକାଶ ସେହି ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ନିକଟରୁ ଏକ ଲକ୍ଷ ଟଙ୍କା ହଡ଼ପ କରିଥିଲେ। ପରେ ଉକ୍ତ ଯୁବତୀଙ୍କୁ ବିକାଶ ବିବାହ ନ କରି ପ୍ରତାରଣା କରିଥିଲେ। ଏପରି କି ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇ ଆସୁଥିଲେ। ଏଥିସହିତ ସୋମବାର ଅନ୍ୟ ଜଣେ ଯୁବତୀଙ୍କୁ ସାଲେପୁର ଥାନା ଅନ୍ତର୍ଗତ ଗଙ୍ଗେଇଶ୍ୱର ମନ୍ଦିରରେ ବିବାହ କରୁଥିଲେ। ଏଥିନେଇ ପୀଡ଼ିତା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ମାହାଙ୍ଗା ପୋଲିସ ବିବାହ ବେଦୀରୁ ବରଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ ହେବା ହଡପ ଅର୍ଥ ବାବଦ ୯୦ ହଜାର ଟଙ୍କା ଯୁବତୀଙ୍କୁ ଦିଆଯାଇଥିଲା। ଏଥିସହ ସମ୍ପୃକ୍ତ ବର ଅଭିଯୋଗକାରିଣୀଙ୍କୁ କୌଣସି ଧମକଚମକ ନ ଦେବା ଓ ବିବାହ ନ ଭାଙ୍ଗିବା ନେଇ ଥାନାରେ ଲିଖିତ ଭାବେ ଦେଇଥିଲେ। ଏହାପରେ ବର ମୁକୁଳିଥିଲେ। ଏ ସମ୍ପର୍କରେ ମାହାଙ୍ଗା ଥାନା ଅଧିକାରୀ ରଞ୍ଜନ ପ୍ରଧାନ କହିଛନ୍ତି, ଉଭୟପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଛି। ଏହାପରେ ବରଙ୍କୁ ଛାଡ଼ି ଦିଆଯାଇଛି।

# ଯୁଦ୍ଧକାଳୀନଭିତ୍ତିରେ ସଫେଇ କରିବାକୁ ନିର୍ଦ୍ଦେଶ

**କଟକ ଅଫିସ, ୨୫।୬**

ସର୍ବପୁରାତନ କଟକ ସହରରେ ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟା ଲାଗିରହିଛି। ବହୁ ଅଧିକାରୀ ଏଥି ମଧ୍ୟରେ ନିଜ କାର୍ଯ୍ୟଭାର ସୁଚାରୁରୂପେ ବହନ କରିଯାଇଛନ୍ତି। କିନ୍ତୁ ସହରର ସେପରି ଆଖିଦୃଶିଆ ଉନ୍ନତି ହୋଇନାହିଁ। ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ସହରରେ ଅସରାଏ ବର୍ଷାରେ ବିଭିନ୍ନ ଅଞ୍ଚଳରେ ପାଣି ଜମିରହି ଲୋକଙ୍କ ଘର ଭିତରେ ପାଣି ପଶି ଯାଉଛି। ଫଳରେ ଲୋକେ ହନ୍ତସନ୍ତ ହେବା ସହିତ ଏକ ପ୍ରକାର ଭୟଭୀତ ଅବସ୍ଥାରେ କାଳ କାଟୁଛନ୍ତି। ଏହା ଭିତରେ ଏକ ଆଶା ସଞ୍ଚାର ହୋଇଛି। ଏଥର ସହରରେ ଆଉ ପାଣି ଜମିରହିବ ନାହିଁ କି ଲୋକେ ହଇରାଣ ହରକତ ହେବେ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି ନୂତନ ଜିଲାପାଳ ଭବାନୀ ଶଙ୍କର ଚଇନୀ ଏବଂ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ। ସହରକୁ ଏକ ମଡେଲ ସହରରେ ପରିଣତ କରାଯିବା ସହ ସହରରେ ଲାଗିରହିଥିବା ସମସ୍ୟାର ସମାଧାନ କରାଯିବ ବୋଲି ଉଭୟେ କହିଛନ୍ତି।

ମଙ୍ଗଳବାର ଜିଲାପାଳ ଏବଂ କମିଶନର କଟକ ସହରର ବାଦାମବାଡ଼ି ଅଞ୍ଚଳ ଅଚାନକ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ସହରର ମୁଖ୍ୟ ପ୍ରବେଶ ପଥ ତଥା ଗମନାଗମନର ଅନ୍ୟତମ କେନ୍ଦ୍ରବିନ୍ଦୁ ବାଦାମବାଡ଼ି ଅଞ୍ଚଳକୁ ଏକ ମଡେଲ ଅଞ୍ଚଳ ଭାବେ ନେଇ ଏହାର ବିକାଶ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଜିଲାପାଳ ଓ କମିଶନର ବାଦାମବାଡ଼ିଠାରୁ ମଧୁପାଟଣା ଛକ ଓ ମଧୁପାଟଣା ଛକଠାରୁ ବାଦାମବାଡ଼ି ଉଭୟ ରାସ୍ତାକୁ ପରିଦର୍ଶନ କରିଥିଲେ। ବାଦାମବାଡ଼ିଠାରୁ ମଧୁପାଟଣାଛକ ପର୍ଯ୍ୟନ୍ତ ରାସ୍ତାରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିବା, ଉଠାଦୋକାନୀମାନେ ରାସ୍ତା ଅବରୋଧ କରିବା, ନାଳ ନର୍ଦ୍ଦମାର ସ୍ଥିତି ନୈରାଶ୍ୟଜନକ ଦେଖିବା ପରେ ଜିଲାପାଳ ଏବଂ କମିଶନର କ୍ଷୁବ୍ଧ ହୋଇଥିଲେ। ଏଥିସହିତ ମଧୁପାଟଣାରୁ ବାଦାମବାଡ଼ି ପର୍ଯ୍ୟନ୍ତ ଆସିଥିବା ରାସ୍ତାରେ ଦୀର୍ଘଦିନ ଧରି ଜାଇକା କାମ କରୁଥିବାବେଳେ ରାସ୍ତା ଅବରୋଧ ହେଉଛି। ତେଣୁ ତୁରନ୍ତ କାର୍ଯ୍ୟ ଶେଷ କରି ରାସ୍ତାକୁ ସ୍ୱାଭାବିକ କରିବା ପାଇଁ ଜାଇକାକୁ ଜିଲାପାଳ ତାଗିଦ କରିଥିଲେ। ଏଥିସହିତ ବାଦାମବାଡ଼ି ଅରୁଣୋଦୟ ନଗରର ବିପର୍ଯ୍ୟସ୍ତ ପରିମଳ ଓ ଡ୍ରେନେଜ ବ୍ୟବସ୍ଥା ଏବଂ ରକ୍ସିଲେନ ଅଞ୍ଚଳର ସମସ୍ତ ଡ୍ରେନ ଅବସ୍ଥା ଦେଖି କମିଶନର ଦାସ ବିରକ୍ତିଭାବ ପ୍ରକାଶ କରିବା ସହ ଯୁଦ୍ଧକାଳୀନଭିତ୍ତିରେ ନାଳ ନର୍ଦ୍ଦମା ସଫେଇ ଓ ପଙ୍କୋଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅନୁଗୋଳ ଓ ପୁରୀ ବସ୍‌ଷ୍ଟାଣ୍ଡ ଅଞ୍ଚଳର ସଫେଇ, ଓଲ୍ଡ ଏଲଆଇସି କଲୋନୀର ଡ୍ରେନ୍ ସ୍ଲାବର ମରାମତି, ସଫେଇ ଓ ବାଦାମବାଡି ଅଞ୍ଚଳରେ ଅନଧିକାର ଭାବେ ରାସ୍ତା ଅବରୋଧ କରୁଥିବା ବ୍ୟବସାୟ ଅନୁଷ୍ଠାନମାନଙ୍କୁ ହଟାଇବା ପାଇଁ ଜିଲାପାଳ କମିଶନରଙ୍କୁ ପଦକ୍ଷେପ ନେବାକୁ କହିଥିଲେ। ସେହିପରି ପାଲାମଣ୍ଡପ ଅପର ପାର୍ଶ୍ୱ ରାସ୍ତା କଡରେ ଅବୈଧ ଭାବେ ରହୁଥିବା ଗାଡି ମୋଟର ସେ ସ୍ଥାନରୁ ହଟାଇବା ପାଇଁ ଟ୍ରାଫିକ ବିଭାଗକୁ ପରାମର୍ଶ ଦେଇଥିଲେ ଜିଲାପାଳ।



ବାଦାମବାଡ଼ି ଅଞ୍ଚଳର ପରିମଳ ଅବ୍ୟବସ୍ଥାକୁ ସିଏମ୍‌ସି କମିଶନରଙ୍କ ଉପସ୍ଥିତିରେ ଅନୁଧ୍ୟାନ କରୁଛନ୍ତି ଜିଲାପାଳ।

**■ସହର ବୁଲି ଦେଖିଲେ ନୂତନ ଜିଲାପାଳ, କମିଶନର**

**■ଜାଇକାକୁ ତୁରନ୍ତ କାମ ସାରିବାକୁ ତାଗିଦ**

ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରେଇ, ସିଏମ୍‌ସି ଡେପୁଟି କମିଶନର ଦେବାଶିଷ ମହାନ୍ତି, ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉମେଶ ପାଣିଗ୍ରାହୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଏମ.ଆର. ଖାନ୍, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ସୁଶାନ୍ତ ଘଡେଇ, ସେସୁ ନିର୍ବାହୀ ଯନ୍ତ୍ରୀ ଇଂ. ଦୀପକ ରାଉତଙ୍କ ଜାଇକା ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର, ସିଏମସି ଏନଫୋର୍ସମେଣ୍ଟ ବିଭାଗ, ସିଏମ୍‌ସି ସମସ୍ତ ଯାନ୍ତ୍ରିକ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ସହରକୁ ଏକ ସୁସ୍ଥ ପରିବେଶ, ଜଳବନ୍ଦୀ ମୁକ୍ତ ସହରରେ ପରିଣତ କରିବା ପାଇଁ ଯାହା ଆବଶ୍ୟକ ସେ ଦିଗରେ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ଚଇନି ପ୍ରକାଶ କରିବା ସହ ଏଥିପାଇଁ ସହରର ଜନସାଧାରଣଙ୍କ ସହଯୋଗ ଓ ସହଭାଗିତା ଆବଶ୍ୟକ ବୋଲି କମିଶନର କହିଥିଲେ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ, କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ



## ସଂକ୍ଷେପରେ

### ଉଦୟନାଥ ହତ୍ୟା ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

**କଣ୍ଟାପଡ଼ା,୨୫।୬(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅଧୀନ ସାଇଲୋ ଝାରପଡା ଗ୍ରାମର ଉଦୟନାଥ ଦାସଙ୍କୁ ୨୦୧୦ରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବଡ ୱାଉବରାଇ ଗ୍ରାମର ବାବୁଲି ସାହୁଙ୍କୁ ଗୋବିନ୍ଦପୁର ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ବଡ ୱାଉବରାଇ ଗ୍ରାମର ବାବୁଲି ସାଇଲୋ ଝାରପଡାର ଉଦୟନାଥଙ୍କ ଭିଣୋଇ ସାରଙ୍ଗଧର ଦାସ ମହାପାତ୍ରଙ୍କ ଘରେ କାମ ବୁଝାଶୁଝା କରୁଥିଲେ। ସାରଙ୍ଗଧରଙ୍କ ପୁଅମାନେ ବାହାରେ ଥିବାବେଳେ ସେ ସାଇଲୋ ଝାରପଡା ହାଇସ୍କୁଲ ନିକଟରେ ଥିବା ଘରେ ଏକୁଟିଆ ରହୁଥିଲେ। ଆଠଗଡରେ ରହୁଥିବା ସାରଙ୍ଗଧରଙ୍କ ପୁଅମାନେ ସେଠାରୁ ଜମିବାଡି ବିକି ତାଙ୍କ ନିକଟକୁ ପଳାଇ ଆସିବାପାଇଁ କହିବାରୁ ସେ ଜମି ବିକ୍ରି ପାଇଁ ଗ୍ରାହକ ଖୋଜିଥିଲେ। ଏହି ଘଟଣା ଜାଣିବା ପରେ ବାବୁଲି ଉକ୍ତ ଜମିକୁ ତାଙ୍କ ନାମରେ କରିବା ପାଇଁ ସାରଙ୍ଗଧରଙ୍କୁ ଧମକ ଦେଇଥିଲେ। ଏହି ଘଟଣା ଶୁଣିବା ପରେ ସାରଙ୍ଗଙ୍କ ଶଳା ଉଦୟନାଥ ଓ ତାଙ୍କ ବଡଭାଇ ୫ ଅକ୍ଟୋବର ୨୦୧୦ ସକାଳୁ ଭିଣୋଇଙ୍କ ଘରକୁ ସାଇକେଲରେ ଆସୁଥିଲେ। ପୂର୍ବରୁ ଉତ୍ତ୍ୟକ୍ତ ହୋଇ ରହିଥିବା ବାବୁଲି ଏକ ଧାରୁଆ ଅସ୍ତ୍ରରେ ଉଦୟନାଥଙ୍କୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଚିକିତ୍ସା ପାଇଁ ଉଦୟନାଥଙ୍କୁ କଟକ ବଡ ମେଡିକାଲ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମାମଲା (ନଂ.୯୨/୧୦) ରୁଜୁ କରି ତଦନ୍ତ ଚଳାଇ ଥିଲା।

### ଏସୟୁସିଆଇ(ସି)ର ବିକ୍ଷୋଭ

**କଟକ ସଦର,୨୫।୬(ଡି.ଏନ୍.ଏ.):** ବିଭିନ୍ନ ଦାବି ପୂରଣ ପାଇଁ ଏସୟୁସିଆଇ (ସି) ପକ୍ଷରୁ ମଙ୍ଗଳବାର କଟକ ସଦର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ଦୀପକ ଦାସ, ବସନ୍ତ ନାୟକଙ୍କ ନେତୃତ୍ୱରେ ସଙ୍ଗଠନର ସଭ୍ୟମାନେ ନୂଆବଜାର ଛକରୁ ଏକ ଶୋଭାଯାତ୍ରାରେ ଆସି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହ ଏକ ପ୍ରତିବାଦ ସଭାରେ ନିର୍ମାଣ ଶ୍ରମିକଙ୍କୁ ପକ୍କାଘର ପ୍ରଦାନ, ବେଣ୍ଟକାର ଓ କିଶୋରନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି କରିବା, ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ପମ୍ପ ଡ୍ରାଇଭରଙ୍କୁ ନିୟମିତ ଦରମା ପ୍ରଦାନ, ବାତ୍ୟା କ୍ଷୟକ୍ଷତିର ଠିକ୍ ଆକଳନ କରି ଚାଷୀଙ୍କୁ ସହାୟତା ପ୍ରଦାନ ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଶରତ ବେହେରା, ଭାଗୀରଥି ଭୋଇ, ମାନଗୋବିନ୍ଦ ପଣ୍ଡା, ମହମ୍ମଦ ଆକିବୁଦ୍ଦିନ ପ୍ରମୁଖ କହିଥିଲେ।

■ କଲ୍ୟାଣମଣ୍ଡପ ସିକ୍ୟୁରିଟି ଗାର୍ଡଙ୍କୁ ଗୁଳିମାଡ଼ ଘଟଣାର ପର୍ଦ୍ଦାଫାଶ

# ମାଲିକ ଆଉ କୋଟିଏ ନ ଦେବାରୁ କରିଥିଲେ ଗୁଳି

ଭୁବନେଶ୍ୱର,୨୫।୬(ବ୍ୟୁରୋ)

■ଗିରଫ ୬ ଅଭିଯୁକ୍ତ ଜେଲ୍ ଗଲେ, ବନ୍ଧୁକ ଓ ୩ ବାଇକ୍ ଜବତ
■ଭାଇ ନା କହି ୩ବର୍ଷ ହେବ ମାସକୁ ନେଉଥିଲେ ଲକ୍ଷାଧିକ ଟଙ୍କା
■ଉକ୍ତ ଟଙ୍କାରେ ଘର କରିବା ସହ ବଦଳିଯାଇଥିଲା ଚଳଣି



ଗିରଫ ହୋଇଥିବା ୬ ଅଭିଯୁକ୍ତ ଓ ଜବତ ବନ୍ଧୁକ।

ଶହୀଦନଗର ଥାନା ଟଙ୍କପାଣି ରୋଡ୍ ସାଇମନ୍ଦିର ନିକଟରେ ଥିବା ଖଟାମିଠା କଲ୍ୟାଣ ମଣ୍ଡପର ସିକ୍ୟୁରିଟି ଗାର୍ଡଙ୍କୁ ଗୁଳିମାଡ଼ ଘଟଣାର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ସଂପୃକ୍ତ ଗ୍ୟାଙ୍ଗ୍‌ର ୬ଜଣଙ୍କୁ କଟକରୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଗୋଟିଏ ଗୁଳି, ୩ ବାଇକ ସହ ବିପୁଳ ଇଲେକ୍ଟ୍ରୋନିକ୍ ଓ ଦାମୀ ଆସବାବପତ୍ରକୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ୟାଙ୍ଗ୍ ମୁଖ୍ୟ କଟକ ସଦର ହରିଅନ୍ତା ଅଞ୍ଚଳର ପ୍ରଭାସଚନ୍ଦ୍ର ଜେନା ଓରଫ ବୁଲୁ(୨୮), ଗୋବିନ୍ଦପୁରର ଦୁର୍ଗାମାଧବ ପାତ୍ର ଓରଫ ବାପି(୩୪), ଫୁଲନଖରାର ସରୋଜ କୁମାର ନାୟକ(୨୩), କଟକ ସଦରର ଫିରୋଜ ଖାଁ(୨୮) ଓ ରିଆଜୁଲ ହକ୍ (୨୫)। କେସ୍ ନଂ.୧୩୨/୧୯ରେ ଆଇପିସି ଦଫା ୩୦୭, ୩୪ ଓ ୨୫/୨୭ ଆର୍ମ୍ସ ଆକ୍ଟ ଲଗାଇ ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ତେବେ ସେମାନଙ୍କୁ ପଚରାଉଚରାବେଳେ ପୋଲିସ ବହୁ ତଥ୍ୟ ହାସଲ କରିଛି। ଅଭିଯୁକ୍ତମାନେ ଖଟାମିଠା କଲ୍ୟାଣ ମଣ୍ଡପ ମାଲିକ ଅନୁପ ବାଗୋଇଙ୍କୁ ୨୦୧୭ରେ ପ୍ରଥମେ ଦେଖାକରି ବନ୍ଧୁକ ଦେଖାଇ ଭାଇ (ଗ୍ୟାଙ୍ଗଷ୍ଟର) ପଠାଇଛନ୍ତି କହି ଦାଦାବଟି ମାଗିଥିଲେ। ଭୟରେ ଅନୁପ ଦାବି ମୁତାବକ ୧ ଲକ୍ଷ ଟଙ୍କା ଦେଇଥିଲେ। ସେବେଠାରୁ ପ୍ରତିମାସରେ ଧମକାଇ ଲକ୍ଷାଧିକ ଟଙ୍କା ନେଉଥିଲେ। ଏଭଳି ମୋଟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇସାରିଥିଲେ। କ୍ରମଶଃ ଲୋଭ ବଢ଼ିଥିଲା। ବାଇକ୍‌ରେ ଲୁଟ୍ ଓ ଅନ୍ୟ ଅପରାଧ ଘଟାଇବାବେଳେ ସମସ୍ୟା ହେଉଥିବାରୁ ସେମାନେ କାର କିଣିବାକୁ ନିଷ୍ପତ୍ତି ନେଇଥିଲେ। ଯୋଜନା ମୁତାବକ ଭାଇ ଦାମୀ କାର କିଣିବେ, ସେଥିପାଇଁ ଏକକାଳୀନ କୋଟିଏ ଟଙ୍କା ଦେବାକୁ ଅନୁପଙ୍କୁ କହିଥିଲେ। ହେଲେ ଏତେ ଟଙ୍କା ନ ଥିବା ୩୦ଲକ୍ଷ ଦେବାକୁ ଅନୁପ କହିବାରୁ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅନୁପଙ୍କୁ ଭୟଭୀତ କରି ଟଙ୍କା ନେବା ପାଇଁ ମାର୍ଚ୍ଚ ୧୬ ଭୋର୍ ସମୟରେ ସିକ୍ୟୁରିଟି ଗାର୍ଡ ଜ୍ଞାନ ରଞ୍ଜନ ମଲ୍ଲିକ କଲ୍ୟାଣ ମଣ୍ଡପରେ ଡ୍ୟୁଟି କରୁଥିଲେ। ଅନ୍ୟତମ ଅଭିଯୁକ୍ତ ରବୀନ୍ଦ୍ର ବରାଳ ଓ ଅନ୍ୟଜଣେ ଓଡି-୦୨-ଏୱାଇ-୪୦୭୯ ନମ୍ବର ବିଶିଷ୍ଟ ବାଇକରେ ଆସି ତାଙ୍କଠାରୁ ପାଣିପିଇବା ପରେ ଗୁଳିମାଡ଼ କରିଥିଲେ। ଏହାପରେ ସେମାନେ ଅନୁପଙ୍କୁ ନିଆଳି ନିକଟକୁ ଏକୁଟିଆ ଡାକି ଟଙ୍କା ଦେବା ପାଇଁ କହିଥିଲେ। ଟଙ୍କା ନ ମିଳିଲେ ପରିବାରର ସମସ୍ତ ସଦସ୍ୟଙ୍କୁ ମାରିଦେବାକୁ ଧମକ ଦେଇଥିଲେ।

■ ୨ ସ୍ଥାନରେ ପିକ୍‌ଅପ୍ ଭ୍ୟାନରୁ ଲୁଟ୍

## ବନ୍ଧୁକ ଦେଖାଇ ଲୁଟିନେଲେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ନିଶ୍ଚିନ୍ତକୋଇଲି,୨୫।୬(ସ୍ୱ.ପ୍ର.)

ସ୍ୱଷ୍ଟ ଦିବାଲୋକରେ ମଙ୍ଗଳବାର କଟକ ଜିଲାର ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ବଜାର ଓ ସାଲେପୁର ଥାନା ଅଧୀନ ଜହ୍ନିଆ ନିକଟରେ ବନ୍ଧୁକ ମୁନରେ ଲୁଟ୍ ହୋଇଛି। ଦୁର୍ବୃତ୍ତ ଉଭୟ ସ୍ଥାନରୁ ପିକ୍‌ଅପ୍ ଭ୍ୟାନରୁ ୧ ଲକ୍ଷ ୧୪ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ପାଇନାହିଁ।

ସୂଚନା ଅନୁସାରେ, ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ବଜାର ନିକଟରେ ଦୁଇ ପଲସରରେ ୪ ଦୁର୍ବୃତ୍ତ ଆସି ଜଣେ ପିକ୍‌ଅପ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି, ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ସୁକାନ୍ତ ଦାସ। ସେ ନିଜ ଗାଡି ଡ୍ରାଇଭର ହେମନ୍ତ ମଲିକଙ୍କ ହାତରେ ୫୦ ହଜାର ଟଙ୍କା ଦେଇ ବିଲହାଟରୁ ଫର୍ନିଚର କ୍ରୟ କରିବା ପାଇଁ ପଠାଇଥିଲେ। ପିକ୍‌ଅପ ଭ୍ୟାନ କେନ୍ଦ୍ରାପଡ଼ାରୁ ବିଲହାଟ ଅଭିମୁଖେ ଯାଉଥିଲା। କଟିକଟା ଛକ ନିକଟରେ ଦିନ ପ୍ରାୟ ୧୨ଟାରେ ହଠାତ୍ ଦୁଇଟି ପଲସରରେ ୪ଜଣ ଦୁର୍ବୃତ୍ତ ଆସି ତାଙ୍କ ଗାଡ଼ିକୁ ପିଛା କରିଥିଲେ। ଏପରି କି ବନ୍ଧୁକ ଦେଖାଇ ଡ୍ରାଇଭରଙ୍କୁ ଗାଡ଼ି ଅଟକାଇବାକୁ କହିଥିଲେ। ଗାଡ଼ି ରହିବାମାତ୍ରେ ଡ୍ରାଇଭରଙ୍କଠାରୁ ୫୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ସୁକାନ୍ତ ଆସି ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ନଂ-୬୮/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଜହ୍ନିହା ନିକଟରେ ଏକ ପିକଅପ ଭ୍ୟାନକୁ ଅଟକାଇ ଦୁର୍ବୃତ୍ତ ଭ୍ୟାନରେ ଥିବା ରାଜନଗର ଅଞ୍ଚଳର ମନୋଜ ରାଉତଙ୍କଠାରୁ ୬୪ ହଜାର ଟଙ୍କା ଲୁଟି ନେଇଛନ୍ତି। ସେ କଟକକୁ ଧାନ କିଣିବାକୁ ଯାଉଥିଲେ। ଦୁଇ ପଲସରରେ ୪ ଲୁଟେରା ଆସି ତାଙ୍କୁ ବନ୍ଧୁକ ଦେଖାଇ ଲୁଟ୍ କରିଥିବା ଜଣାଯାଇଛି। ଏ ନେଇ ସାଲେପୁର ଥାନାରେ ଏକ ମାମଲା ନଂ-୧୫୦/୧୯ରୁଜୁ ହୋଇଛି।

## ଅନନ୍ତଙ୍କ ସାଧନାରେ ଓଡ଼ିଆ ସାହିତ୍ୟ ସମୃଦ୍ଧ

କଟକ ଅଫିସ,୨୫।୬

କବି ଅନନ୍ତ ପଟ୍ଟନାୟକ ଓଡ଼ିଆ ସାହିତ୍ୟ ଇତିହାସର ଅନନ୍ୟ ଅଧ୍ୟାୟ। ତାଙ୍କ ସାରସ୍ୱତ ସାଧନା ଓଡ଼ିଆ କବିତା, ପ୍ରବନ୍ଧ, ନାଟକ, ଗଳ୍ପ, ଉପନ୍ୟାସ, ଶିଶୁସାହିତ୍ୟ ଓ ସ୍ତମ୍ଭ ରଚନାକୁ ସମୃଦ୍ଧ କରିଛି। ସାରା ଜୀବନ ବିପ୍ଳବର ପଥକୁ ବରଣ କରିଥିବା ଏହି ମହାନ୍ ସ୍ରଷ୍ଟାଙ୍କ ସୃଷ୍ଟିରେ ସେହି ସଂଗ୍ରାମର ସ୍ୱର ହିଁ ମର୍ମରିତ ହୋଇଛି ବୋଲି ବିଶିଷ୍ଟ ବକ୍ତାମାନେ କହିଛନ୍ତି। ଉତ୍କଳ ସାହିତ୍ୟ ସମାଜ ଓ କବି ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ମଙ୍ଗଳବାର ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ କବି ଅନନ୍ତ ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟାରେ ବକ୍ତାମାନେ ଏହି କଥା କହିଛନ୍ତି। ଉତ୍ସବରେ ବିଶିଷ୍ଟ କଥାକାର ଡ. ବିଭୂତି ପଟ୍ଟନାୟକଙ୍କୁ କବି ଅନନ୍ତ ପଟ୍ଟନାୟକ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଥାଶିଳ୍ପୀ ବୀଣାପାଣି ମହାନ୍ତି ଯୋଗଦେଇ କହିଥିଲେ, ଅନନ୍ତ ପଟ୍ଟନାୟକ ସାରା ଜୀବନ ସାରସ୍ୱତ ସାଧନାରେ ବ୍ରତୀ ହୋଇଥିଲେ। ତାଙ୍କ ସାହିତ୍ୟ ସମାଜ, ଜୀବନ ଓ ସଂଗ୍ରାମର ଚିତ୍ରରେ ବେଶ୍ ପ୍ରଭାବଶାଳୀ। ସେ ଜଣେ ମାନବବାଦୀ ସ୍ରଷ୍ଟା ଭାବେ ଓଡ଼ିଆ ସାହିତ୍ୟ ଇତିହାସରେ ସ୍ମରଣୀୟ ହୋଇ ରହିବେ। କବି ଅନନ୍ତ ପଟ୍ଟନାୟକ ସାହିତ୍ୟ ସମ୍ମାନ ଗ୍ରହଣ କରି ସାରସ୍ୱତ ସାଧକ ଡ. ବିଭୂତି ପଟ୍ଟନାୟକ କବି ଅନନ୍ତଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ବିଷୟରେ ଉଲ୍ଲେଖ କରି ତାଙ୍କ ସଂଗ୍ରାମୀ ଜୀବନ ଓ ସମ୍ପାଦନା କ୍ଷେତ୍ରରେ ଦକ୍ଷତା ଉତ୍ତରପିଢ଼ି ପାଇଁ ଦିଗ୍‌ବାରେଣୀ ହୋଇ ରହିବ ବୋଲି କହିଥିଲେ। ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦର ସମ୍ପାଦକ ଡ.ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ତରୁଣ କୁମାର ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ମୀନାକ୍ଷୀ ଦେବୀ ମାନପତ୍ର ପାଠ କରିଥିଲେ । ସଂଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ କବିଙ୍କ ପୁତ୍ର ଅମରେଶ ପଟ୍ଟନାୟକଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଡ. ବିଭୂତି ପଟ୍ଟନାୟକଙ୍କୁ କବି ଅନନ୍ତ ପଟ୍ଟନାୟକ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

### କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧୋତ୍ସବ

କଟକ ଅଫିସ/ଚୌଦ୍ୱାର, ୨୫।୬ (ଡି.ଏନ୍.ଏ.)

ପ୍ରଖ୍ୟାତ ସାରସ୍ୱତ ସାଧକ ଔପନ୍ୟାସିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧୋତ୍ସବ ଚାନ୍ଦିନୀଚୌକସ୍ଥିତ କଳିଙ୍ଗ ଭାରତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବଭାରତୀୟ ଜାତୀୟ ଶିକ୍ଷକ ମହାସଂଘର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ବରାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ସାରସ୍ୱତ ସାଧନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ସାମାଜିକ କର୍ମୀ ବାଳକୃଷ୍ଣ ବେହେରା, ଡ. ବସନ୍ତ କୁମାର ବଳ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଚିତ୍ତରଞ୍ଜନ ପାଢୀ ପୌରୋହିତ୍ୟ କରିଥିଲେ। ପ୍ରାଧ୍ୟାପକ ମାନିନୀ ସାହୁ, ସୁଚିତ୍ରା ଚୌଧୁରୀ, ପୂର୍ଣ୍ଣିମା ମହାନ୍ତି, କାଜଲ ବାରିକ, ରଶ୍ମିରଞ୍ଜନ ସାହୁ, ଟିଙ୍କିନା ବାରିକ, ସାଗରିକା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଚୌଦ୍ୱାର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବିବେକାନନ୍ଦ ସାହିତ୍ୟ ସଂସଦ ପକ୍ଷରୁ ଔପନ୍ୟାସିକ ପାଣିଗ୍ରାହୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଣିଗ୍ରାହୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ ।

## ବ୍ୟବସ୍ଥାରେ ପରିବର୍ତ୍ତନ ଦରକାର




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ ଅଫିସ,୨୫।୬

ସରକାର ବଦଳିଲେ ସବୁକିଛି ବଦଳି ଯାଏନା। ବ୍ୟବସ୍ଥାରେ ପରିବର୍ତ୍ତନ ହେଲେ ଦେଶର ଅନେକ ସମସ୍ୟାର ସମାଧାନ ହୋଇଯିବ। ଏଥିପାଇଁ ସମ୍ପୂର୍ଣ୍ଣ କ୍ରାନ୍ତିକୁ ଶାଣିତ କରିବା ଉପରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସମ୍ପୂର୍ଣ୍ଣ କ୍ରାନ୍ତି ଅଭିଯାନ ପକ୍ଷରୁ ଗାନ୍ଧୀଭବନଠାରେ ମଙ୍ଗଳବାର ସନ୍ଧ୍ୟାରେ 'ପୁଣି ଜରୁରି ପରିସ୍ଥିତି ଆସିବ କି' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ବକ୍ତାମାନେ ଏହା କହିଥିଲେ। ଏଥିରେ ସଙ୍ଗଠନ ସଭାପତି ତଥା ଆଡଭୋକେଟ ଶିଶିର ଦାସ ଅଧ୍ୟକ୍ଷତା କରିଥିଲେ। ରାଜନୀତି ସୁବିଧାବାଦର ଅନ୍ୟ ନାମ ଓ ସମ୍ଭୋଗର ସହଜ କ୍ଷେତ୍ର ହୋଇ ଯାଇଥିବାରୁ ସଭାରେ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନକୁ ଧାରାବାହିକ ଓ ସାଲିସହୀନ ଭାବେ ଚଳାଇ ରଖିଲେ ବେକାରୀ, ଦରବୃଦ୍ଧି, ଚାଷୀ ଆତ୍ମହତ୍ୟା, ନାରୀ ନିର୍ଯାତନା ଆଦି ସମସ୍ୟାର ସମାଧାନ ହୋଇପାରିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂ, ପୂର୍ବତନ ମନ୍ତ୍ରୀ ଅମର ଶତପଥୀ, ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ର, ସମତା ମଞ୍ଚ ସଭାପତି ଚିତ୍ତରଞ୍ଜନ ମହାନ୍ତି, ସଙ୍ଗଠନର ମହାସଚିବ ଯୁଗଳ କିଶୋର ନାୟକ, ପ୍ରଶାନ୍ତ ଦାସ, ସୀତାରାମ ଶତପଥୀ, ବିଶ୍ୱାବସୁ ଦାସ, ସ୍ତମ୍ଭକାର ଅରୁଣ ପଣ୍ଡା ଓ ସତ୍ୟ ରାୟ, ପ୍ରତାପ ଶତପଥୀ, ଡ. ବିଶ୍ୱଜିତ, ଅଜୟ ମିଶ୍ର, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ ଓ ଅନିତା ବେହେରା, ଗୌତମ ଦାସ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ପୁଣି ଜରୁରି ସ୍ଥିତି ଆସିଲେ ଲଢେଇ କରିବୁ ବୋଲି ଘୋଷଣା କରିଥିଲେ। ଶେଷରେ ଖଗେଶ୍ୱର ସେଠୀ ଧନ୍ୟବାଦ ଦେଇଥିଲେ। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ବାର୍ତ୍ତା ପାଠ କରାଯାଇଥିଲା ।

## ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଜନସଚେତନତା ଅଭିଯାନ ବୈଠକ

କଟକ ଅଫିସ, ୨୫।୬

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସଶକ୍ତ ଡାଇରିଆ ନିୟନ୍ତ୍ରଣ ମାସ ଓ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଜନସଚେତନତା ଅଭିଯାନ ନିମନ୍ତେ ମଙ୍ଗଳବାର ଏକ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ବିଜୟଶ୍ରୀ ଖଣ୍ଡାୟତରାୟଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ଏହି ବୈଠକରେ ଅନେକ କଥା ଆଲୋଚନା ହୋଇଛି। ଗୋଟିଏପଟେ ଏହି ବୈଠକ ଚାଲିଥିବା ବେଳେ ଅନ୍ୟପଟେ ଉପରୋକ୍ତ ରୋଗଗୁଡ଼ିକ ଜିଲାର ଚିରସହଚର ପାଲଟିଛି। ଏବେ କଟକରେ ଡେଙ୍ଗୁ ଓ ଜଣ୍ଡିସର ପ୍ରକୋପ ଦେଖାଦେଇଛି। ସହରରୁ ୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୧୦ ଜଣ ଜଣ୍ଡିସ ରୋଗୀ ଚିହ୍ନଟ ହୋଇସାରିଛନ୍ତି। ସହରର ଗଙ୍ଗାମନ୍ଦିର, କାଳୀଗଳି, ବଜ୍ରକବାଟି, ରକ୍ସିଲେନ୍, ବାଲୁବଜାର ଆଦି ଅଞ୍ଚଳରେ ଜଣ୍ଡିସ ବ୍ୟାପୁଥିବା ବେଳେ ଯୋବ୍ରା, ରାଣୀହାଟ ଅଞ୍ଚଳରେ ଡେଙ୍ଗୁ ମୁଣ୍ଡ ଟେକୁଛି। ମୁଖ୍ୟତଃ ୩୦ ବର୍ଷ ପୁରୁଣା ପାଣି ପାଇପ ଲାଇନ ଯୋଗେ ସହରବାସୀଙ୍କୁ ଜଳ ଯୋଗାଣ କରାଯାଉଛି। ବିଭିନ୍ନ ସମୟରେ ଏହି ପାଣି ପାଇପ ଫାଟିଯାଇ ସେଥିରେ ଡ୍ରେନ ପାଣି ମିଶିଯିବାରୁ ଜଣ୍ଡିସ ଭଳି ଅନେକ ଜଳବାହିତ ରୋଗ ବ୍ୟାପୁଛି। ମୋଟ ୫୧୩ କିଲୋମିଟରର ପାଣି ପାଇପ ଲାଇନ ମଧ୍ୟରୁ ୧୧୩ କିଲୋମିଟରର ପାଇପ ବଦଳା ଯାଇଥିବା ବେଳେ ଆହୁରି ୪୦୦ କିଲୋମିଟରର ବାକି ଅଛି। ସବୁଯାକ ପାଇପ ବଦଳାଇବା ସମ୍ଭବ ନୁହେଁ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଘଡାଇ କହିଛନ୍ତି। ତେବେ ସଂଯୋଗସ୍ଥଳ ଓ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରୁ ପାଇପ ବଦଳାଯାଉଥିବା ସେ ସୂଚନା ଦେଇଛନ୍ତି। ସୂଚନାଥାଉକି, ସହରବାସୀଙ୍କୁ ମେଗା ପାଇପ ୱାଟର୍ ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଉଥିବା ବେଳେ ତାହା କେବେ ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟ ନିର୍ଦ୍ଦିଷ୍ଟ ତଥ୍ୟ ଦେଇପାରୁନି। ଏହାବାଦ ଗ୍ରାମାଞ୍ଚଳକୁ ଦେଖିଲେ ସମାନ ଅବସ୍ଥା। ଜିଲାର ଟାଙ୍ଗୀ, ସାଲେପୁର ଓ ମାହାଙ୍ଗା ପ୍ରଭୃତି ଅଞ୍ଚଳରେ ପାନୀୟଜଳକୁ ନେଇ ଉତ୍କଟ ଅବସ୍ଥା ଉପୁଜିଛି। ୫ ଦିନ ହେବ ଜାତିପାରିଲୋ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ୭ଟି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ଏଭଳି ପରିସ୍ଥିତି ଲାଗି ରହିଥିବା ବେଳେ ଏହି ବୈଠକ ପ୍ରହସନ ବୋଲି ଲୋକେ ମତ ଦେଉଛନ୍ତି। ସୂଚନାଥାଉକି, ଜିଲାରେ ୧୭ ଜୁନ୍ ଠାରୁ ୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ସଶକ୍ତ ଡାଇରିଆ ନିୟନ୍ତ୍ରଣ ମାସ ଓ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଜନସଚେତନତା ଅଭିଯାନ ଚାଲିବ । ପ୍ରତି ଘରେ ଆଶାମାନଙ୍କ ଦ୍ୱାରା ଓଆର୍‌ଏସ୍ ଓ ଜିଙ୍କର ବଣ୍ଟନ କରାଯିବର ସ୍ଥିରୀକୃତ ହେଲା। ଏହାର ଲକ୍ଷ୍ୟ ହେଲା ୦ ରୁ ୫ ବର୍ଷ ବୟସ ତଳକୁ ଥିବା ପିଲାମାନଙ୍କର ମୃତ୍ୟୁକୁ ରୋକିବା ସଙ୍ଗେ ସଙ୍ଗେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗକୁ ପ୍ରତିରୋଧ କରିବା ।

■ ସହର ବୁଲି ଦେଖିଲେ ଜିଲାପାଳ, କମିଶନର

# ଯୁଦ୍ଧକାଳୀନଭିତ୍ତିରେ ସଫେଇ ପାଇଁ ନିର୍ଦ୍ଦେଶ

କଟକ ଅଫିସ, ୨୫।୬

ସର୍ବପୁରାତନ କଟକ ସହରରେ ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟା ଲାଗିରହିଛି। ବହୁ ଅଧିକାରୀ ଏଥି ମଧ୍ୟରେ ନିଜ କାର୍ଯ୍ୟଭାର ସୁଚାରୁରୂପେ ବହନ କରିଯାଇଛନ୍ତି। କିନ୍ତୁ ସହରର ସେପରି ଆଖିଦୃଶିଆ ଉନ୍ନତି ହୋଇନାହିଁ। ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ସହରରେ ଅସରାଏ ବର୍ଷାରେ ବିଭିନ୍ନ ଅଞ୍ଚଳରେ ପାଣି ଜମିରହି ଲୋକଙ୍କ ଘର ଭିତରେ ପାଣି ପଶି ଯାଉଛି। ଫଳରେ ଲୋକେ ହନ୍ତସନ୍ତ ହେବା ସହିତ ଏକ ପ୍ରକାର ଭୟଭୀତ ଅବସ୍ଥାରେ କାଳ କାଟୁଛନ୍ତି। ଏହା ଭିତରେ ଏକ ଆଶା ସଞ୍ଚାର ହୋଇଛି। ଏଥର ସହରରେ ଆଉ ପାଣି ଜମିରହିବ ନାହିଁ କି ଲୋକେ ହଇରାଣ ହରକତ ହେବେ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି ନୂତନ ଜିଲାପାଳ ଭବାନୀ ଶଙ୍କର ଚଇନୀ ଏବଂ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସ। ସହରକୁ ଏକ ମଡେଲ ସହରରେ ପରିଣତ କରାଯିବା ସହ ସହରରେ ଲାଗିରହିଥିବା ସମସ୍ୟାର ସମାଧାନ କରାଯିବ ବୋଲି ଉଭୟେ କହିଛନ୍ତି।

ମଙ୍ଗଳବାର ଜିଲାପାଳ ଏବଂ କମିଶନର କଟକ ସହରର ବାଦାମବାଡ଼ି ଅଞ୍ଚଳ ଅଚାନକ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ସହରର ମୁଖ୍ୟ ପ୍ରବେଶ ପଥ ତଥା ଗମନାଗମନର ଅନ୍ୟତମ କେନ୍ଦ୍ରବିନ୍ଦୁ ବାଦାମବାଡ଼ି ଅଞ୍ଚଳକୁ ଏକ ମଡେଲ ଅଞ୍ଚଳ ଭାବେ ନେଇ ଏହାର ବିକାଶ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଜିଲାପାଳ ଓ କମିଶନର ବାଦାମବାଡ଼ିଠାରୁ ମଧୁପାଟଣା ଛକ ଓ ମଧୁପାଟଣା ଛକଠାରୁ ବାଦାମବାଡ଼ି ଉଭୟ ରାସ୍ତାକୁ ପରିଦର୍ଶନ କରିଥିଲେ। ବାଦାମବାଡ଼ିଠାରୁ ମଧୁପାଟଣାଛକ ପର୍ଯ୍ୟନ୍ତ ରାସ୍ତାରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିବା, ଉଠାଦୋକାନୀମାନେ ରାସ୍ତା ଅବରୋଧ କରିବା, ନାଳ ନର୍ଦ୍ଦମାର ସ୍ଥିତି ନୈରାଶ୍ୟଜନକ ଦେଖିବା ପରେ ଜିଲାପାଳ ଏବଂ କମିଶନର କ୍ଷୁବ୍ଧ ହୋଇଥିଲେ। ଏଥିସହିତ ମଧୁପାଟଣାରୁ ବାଦାମବାଡ଼ି ପର୍ଯ୍ୟନ୍ତ ଆସିଥିବା ରାସ୍ତାରେ ଦୀର୍ଘଦିନ ଧରି ଜାଇକା କାମ କରୁଥିବାବେଳେ ରାସ୍ତା ଅବରୋଧ ହେଉଛି। ତେଣୁ ତୁରନ୍ତ କାର୍ଯ୍ୟ ଶେଷ କରି ରାସ୍ତାକୁ ସ୍ୱାଭାବିକ କରିବା ପାଇଁ ଜାଇକାକୁ ଜିଲାପାଳ ତାଗିଦ କରିଥିଲେ। ଏଥିସହିତ ବାଦାମବାଡ଼ି ଅରୁଣୋଦୟ ନଗରର ବିପର୍ଯ୍ୟସ୍ତ ପରିମଳ ଓ ଡ୍ରେନେଜ ବ୍ୟବସ୍ଥା ଏବଂ ରକ୍ସିଲେନ ଅଞ୍ଚଳର ସମସ୍ତ ଡ୍ରେନ ଅବସ୍ଥା ଦେଖି କମିଶନର ଦାସ ବିରକ୍ତିଭାବ ପ୍ରକାଶ କରିବା ସହ ଯୁଦ୍ଧକାଳୀନଭିତ୍ତିରେ ନାଳ ନର୍ଦ୍ଦମା ସଫେଇ ଓ ପଙ୍କୋଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅନୁଗୋଳ ଓ ପୁରୀ ବସ୍‌ଷ୍ଟାଣ୍ଡ ଅଞ୍ଚଳର ସଫେଇ, ଓଲ୍ଡ ଏଲଆଇସି କଲୋନୀର ଡ୍ରେନ୍ ସ୍ଲାବର ମରାମତି, ସଫେଇ ଓ ବାଦାମବାଡି ଅଞ୍ଚଳରେ ଅନଧିକାର ଭାବେ ରାସ୍ତା ଅବରୋଧ କରୁଥିବା ବ୍ୟବସାୟ ଅନୁଷ୍ଠାନମାନଙ୍କୁ ହଟାଇବା ପାଇଁ ଜିଲାପାଳ କମିଶନରଙ୍କୁ ପଦକ୍ଷେପ ନେବାକୁ କହିଥିଲେ। ସେହିପରି ପାଲାମଣ୍ଡପ ଅପର ପାର୍ଶ୍ୱ ରାସ୍ତା କଡରେ ଅବୈଧ ଭାବେ ରହୁଥିବା ଗାଡି ମୋଟର ସେ ସ୍ଥାନରୁ ହଟାଇବା ପାଇଁ ଟ୍ରାଫିକ ବିଭାଗକୁ ପରାମର୍ଶ ଦେଇଥିଲେ ଜିଲାପାଳ। ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରେଇ, ସିଏମ୍‌ସି ଡେପୁଟି କମିଶନର ଦେବାଶିଷ ମହାନ୍ତି, ସିଏମସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉମେଶ ପାଣିଗ୍ରାହୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଏମ.ଆର. ଖାନ୍, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ସୁଶାନ୍ତ ଘଡେଇ, ସେତୁ ନିର୍ବାହୀ ଯନ୍ତ୍ରୀ ଇଂ. ଦୀପକ ରାଉତଙ୍କ ଜାଇକା ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର, ସିଏମସି ଏନଫୋର୍ସମେଣ୍ଟ ବିଭାଗ, ସିଏମ୍‌ସି ସମସ୍ତ ଯାନ୍ତ୍ରିକ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ସହରକୁ ଏକ ସୁସ୍ଥ ପରିବେଶ, ଜଳବନ୍ଦୀ ମୁକ୍ତ ସହରରେ ପରିଣତ କରିବା ପାଇଁ ଯାହା ଆବଶ୍ୟକ ସେ ଦିଗରେ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ଚଇନି ପ୍ରକାଶ କରିବା ସହ ଏଥିପାଇଁ ସହରର ଜନସାଧାରଣଙ୍କ ସହଯୋଗ ଓ ସହଭାଗିତା ଆବଶ୍ୟକ ବୋଲି କମିଶନର କହିଥିଲେ।



ଜିଲାପାଳ, ସିଏମ୍‌ସି କମିଶନର ଓ ଅନ୍ୟ ଅଧିକାରୀ ବୁଲି ଦେଖୁଛନ୍ତି।

### ଚିହ୍ନଟ ହେଲା ୮୫ ଆଶ୍ରୟସ୍ଥଳ

ସମ୍ଭାବ୍ୟ ବାତ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ସିଏମ୍‌ସି ପକ୍ଷରୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଦୁଇଦିନ ଧରି ହେବାକୁ ଥିବା ଏହି ଶିବିରରେ ସହରରେ ବାତ୍ୟାକୁ କିପରି ସମ୍ମୁଖୀନ କରାଯିବ ସେ ନେଇ ବିଶେଷ ଦୃଷ୍ଟି ଦିଆଯାଇଥିଲା। ୟୁନାଇଟେଡ ନେସନ ଡେଭଲପମେଣ୍ଟ ପ୍ରୋଗ୍ରାମ(ୟୁଏନ୍‌ଡିପି) ଓ ସିଏମ୍‌ସିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବାତ୍ୟା ପୂର୍ବରୁ ସମସ୍ତଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ସିଏମସି ଓ ଜିଲା ପ୍ରଶାସନ। ସହରରେ ୮୫ଟି ନିରାପଦ ଆଶ୍ରୟସ୍ଥଳ ଚିହ୍ନଟ କରାଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ସିଏମ୍‌ସି କମିଶନର ଅନନ୍ୟା ଦାସ ଯୋଗ ଦେଇଥିଲେ। ଡେପୁଟି କମିଶନର ବିଚିତ୍ରାନନ୍ଦ ନାୟକ ଉପସ୍ଥିତ ଥିଲେ। ସିଏମ୍‌ସି ସଚିବ ଲତାଶ୍ରୀ ବାଗ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୟୁଏନଡିପି ପକ୍ଷରୁ ସିଟି କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ମହାନ୍ତି ଉପସ୍ଥିତ ଥିଲେ ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ

## ସଂକ୍ଷେପରେ

### ବୃକ୍ଷରୋପଣ ପାଇଁ ସଚେତନତା



**ଖୋର୍ଦ୍ଧା ଅଫିସ, ୨୫।୬:** ପ୍ରେରଣା ଚିଲ୍ଡ୍ରେନ୍ସ ଗ୍ରୀନ୍ ଆର୍ମି ପକ୍ଷରୁ ମଙ୍ଗଳବାର ବୃକ୍ଷରୋପଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ଜଙ୍କିଆ ଥାନା ଅନ୍ତର୍ଗତ ଗୟାବନ୍ଧଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରେରଣାର ସଭାପତି ତଥା ଗ୍ରୀନ୍ ଆର୍ମିର ଚିଫ୍ କମାଣ୍ଡର ଦିଲୀପ ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ବୀର ମହାସଂଘର ସଭାପତି ପ୍ରକାଶ ଶ୍ରୀଚନ୍ଦନ, କାଇପଦର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ଜଗମୋହନ ପଟ୍ଟନାୟକ, ଅଧାପିକା ଅନୁପମା ଚମ୍ପତିରାୟ, ସାମାଜିକ କର୍ମୀ ରବୀନ୍ଦ୍ରନାଥ ବଳିଆରସିଂହ, ଆଶିଷ ବରିଷଲ୍, ରାସବିହାରୀ ଶ୍ରୀଚନ୍ଦନ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ବକ୍ତାଙ୍କ ଟିପ୍ପଣୀ ଅନୁସାରେ ଫନୀରେ ବହୁ ଗଛ ଉପୁଡ଼ି ପଡିଥିବାବେଳେ ଜଙ୍ଗଲ ମଧ ନଷ୍ଟ ହୋଇଛି। ବାତ୍ୟାରେ ଉଜୁଡ଼ି ଯାଇଥିବା ଜଙ୍ଗଲକୁ ସୁରକ୍ଷା କରିବା ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକ କ୍ଲବ୍, ମନ୍ଦିର ପରିସର ଓ ଖାଲି ପଡ଼ିଥିବା ପଡ଼ିଆରେ ବ୍ୟାପକ ଚାରାରୋପଣ କରିବା ନିତ୍ୟାନ୍ତ ଆବଶ୍ୟକ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ଗଛ ଆମର ଜୀବନ ଧନ, ଯୋଗାଏ ଆମକୁ ପାଣି ପବନ ସମ୍ପର୍କିତ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବୃକ୍ଷ ଓ ଜୀବନ ସମ୍ପର୍କରେ କବିତା ଲିଖନ, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ୧୦୦ଟି ଚାରାରୋପଣ କରାଯାଇଥିଲା।

### ସ୍କୁଲରେ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଖୋର୍ଦ୍ଧା ଅଫିସ, ୨୫।୬:** ବାଘମାରୀସ୍ଥିତ ଦିବ୍ୟଜ୍ୟୋତି ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ଅମ୍ବିକା ମାନସ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍କୁଲ ପରିସରରେ କଟକ ସାମାଜିକ କର୍ମୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ସ୍କୁଲ ସମୂହର ଚେୟାରମ୍ୟାନ୍ ମାନସ ରଞ୍ଜନ ମହାପାତ୍ରଙ୍କ ଅଧକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ରାଓ ମୁଖ୍ୟଅତିଥି, ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟବକ୍ତା, ନିଶା ନିବାରଣ ସମିତିର ଜିଲା ସଭାପତି ରାମଶଙ୍କର ଓ କଳାପଥର ସେବାକେନ୍ଦ୍ରର ବ୍ରହ୍ମାକୁମାରୀ ଯାଜ୍ଞସେନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ରାଜକିଶୋର ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିବା ବେଳେ ସ୍ୱର୍ଗତା ଅମ୍ବିକାଙ୍କ କନିଷ୍ଠ ପୁତ୍ର ସତ୍ୟ ପ୍ରକାଶ ମହାପାତ୍ର ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସ୍କୁଲର ଅଧକ୍ଷ ଲକ୍ଷ୍ମୀଧର ବିଶ୍ୱାଳ ବିବରଣୀ ପ୍ରଦାନ କରିଥିଲେ।



ଗାଁ ଆଡକୁ ଚାଲି ଆସିଥିବା ହାତୀ ।

# ଗୋଡା ଗାଁରେ ପଶିଲା ହାତୀ

## ଲୋକେ ଘଉଡ଼ାଇଲେ

**ଖୋର୍ଦ୍ଧା ଅଫିସ,୨୫।୬**

ହାତୀଙ୍କ ଉତ୍ପାତ ବର୍ଷତମାମ ଲାଗି ରହିଛି। ସନ୍ଧ୍ୟାରୁ ରାତିତମାମ ଖୋର୍ଦ୍ଧା ରେଞ୍ଜର ଗୋଡା ଗାଁରେ ହାତୀପଲଙ୍କ ଦାଣ୍ଡ ପରିକ୍ରମା ଚାଲେ। ଲୋକ ଘଉଡାଇଲେ ହାତୀପଲ ଜଙ୍ଗଲକୁ ଚାଲି ଯାଆନ୍ତି। ଲୋକ ଜାଣି ନ ପାରିଲେ କ୍ଷୟକ୍ଷତି ବଢ଼ିଥାଏ। ତେବେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଏକ ଦନ୍ତାହାତୀକୁ ଗୋଡା ଗାଁ ଦାଣ୍ଡରେ ଦେଖିବାକୁ ମିଳିଥିଲା। ହାତୀ ଗାଁ ଭିତରକୁ ଆସିବା ଦେଖି ଲୋକମାନେ ଏକଜୁଟ ହୋଇ ଘଉଡାଇବା ଆରମ୍ଭ କରିଥିଲେ। ହାତୀଟି ଭୟରେ ଦଲକ ଜଙ୍ଗଲକୁ ପଳାଇ ଯାଇଥିଲା। ସନ୍ଧ୍ୟା ୭ଟାରେ ଦନ୍ତାହାତୀ ସହ ଆଉ ଏକ ହାତୀ ମିଶି ପୁଣି ଗାଁ ଭିତରକୁ ପଶି ଆସିଥିଲେ। ଗାଁ ଲୋକ ନିଆଁହୁଳା, ଲାଇଟ୍ ଦେଖାଇ ହାତୀକୁ ଜଙ୍ଗଲରେ ଛାଡିଛନ୍ତି। ଦିନରେ ଦୁଇଥର ହାତୀପଲକୁ ଦେଖି ଗାଁ ଲୋକ ଛାନିଆ ହୋଇପଡିଛନ୍ତି। ତେବେ ଗୋଡା ଗାଁର ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ(୨୯)ଙ୍କ ସୂଚନା ଅନୁସାରେ, ମଙ୍ଗଳବାର ଭୋର ୪ଟା ୧୫ରେ ଗାଁର ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଗଛ ଭଙ୍ଗା ଶବ୍ଦ ଶୁଣି ସେ ଦେଖିବା ବେଳକୁ ଏକ ବାଉଁଶ ଗଛକୁ ଦନ୍ତାହାତୀ ଭାଙ୍ଗୁଛି। ହାତୀଠାରୁ ଗୋବିନ୍ଦଙ୍କ ଦୂରତା ଥିଲା ମାତ୍ର ୧୫ ହାତ। ଉପସ୍ଥିତ ବୁଦ୍ଧି ଖଟାଇ ଗୋବିନ୍ଦ ହାତୀ କବଳରୁ ଖସି ଆସିଥିଲେ। ଗୋଟିଏ ଦିନରେ ୩ଥର ହାତୀଙ୍କୁ ଦେଖି ଗାଁ ଲୋକ ବିଚଳିତ ହୋଇପଡିଛନ୍ତି। ମଙ୍ଗଳବାର ରାତି ତମାମ ଉଜାଗର ରହି ହାତୀ ଘଉଡାଇବା କାର୍ଯ୍ୟରେ ନିୟୋଜିତ ହେବାକୁ ସ୍ଥାନୀୟ ଲୋକ ନିଷ୍ପତ୍ତି ନେଇଛନ୍ତି।

■ ସାହାରା ଇଣ୍ଡିଆରୁ ମିଳିଲାନି ମ୍ୟାଚୁରିଟି ଟଙ୍କା

# ଅଫିସ୍‌ରେ ତାଲା ପକାଇଲେ ଜମାକାରୀ

**ନିରାକାରପୁର,୨୫।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ ଶ୍ରୀରାମ ବଜାରସ୍ଥିତ ସାହାରା ଇଣ୍ଡିଆ କାର୍ଯ୍ୟାଳୟ ଫାଟକରେ ମଙ୍ଗଳବାର ଜମାକାରୀମାନେ ତାଲା ପକାଇଦେଇଛନ୍ତି। ମ୍ୟାଚୁରିଟି (ପୂର୍ଣ୍ଣ ଅବଧି) ପରେ ଗ୍ରାହକମାନେ ଟଙ୍କା ଫେରି ନ ପାଇବାରୁ ଉତ୍ତ୍ୟକ୍ତ ହୋଇ ଏଭଳି କରିଥିଲେ। ଏହା ପୂର୍ବରୁ ନିଜର ଟଙ୍କା ଫେରି ପାଇବା ପାଇଁ କାର୍ଯ୍ୟାଳୟକୁ ଯାଇଥିବାବେଳେ ଜଣେ ମହିଳାଙ୍କୁ ଅସଦାଚରଣ ଓ ମାଡ଼ ମାରିବା ଏବଂ କେତେଜଣ ଜମାକାରୀଙ୍କ ପ୍ରତି ଦୁର୍ବ୍ୟବହାର କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ତେବେ କେତେଜଣ ପ୍ରଭାବଶାଳୀ ଏଜେଣ୍ଟଙ୍କ ଯୋଗୁ ପୋଲିସ ମଧ ଉକ୍ତ ଘଟଣାରେ ନୀରବଦ୍ରଷ୍ଟା ସାଜିଥିବା ଲୋକେ ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ନିଜର କଷ୍ଟଅର୍ଜିତ ଟଙ୍କା ସାହାରା ଇଣ୍ଡିଆରେ ଜମା କରିଥିବାବେଳେ ଅବଧି ପୂର୍ଣ୍ଣ ପରେ ମଧ ସେମାନଙ୍କ ଜମାରାଶି ନ ମିଳିବାରୁ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଟଙ୍କା ନ ମିଳିବା ଏବଂ ଏଜେଣ୍ଟମାନେ ଧରାଛୁଆଁ ଦେଇ ନ ଥିବାରୁ ମଧାହ୍ନ ୧୨ଟାରୁ ୧.୧୩ ପର୍ଯ୍ୟନ୍ତ ଆନ୍ଦୋଳନକାରୀମାନେ ବାଧ ହୋଇ ତାଲା ପକାଇଥିବା ସୂଚନା ମିଳିଛି। ତେବେ ଶାଖା ପରିଚାଳକ ଓ କେତେଜଣ ଏଜେଣ୍ଟ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନକାରୀ ତାଲା ଖୋଲିଥିଲେ। କମ୍ପାନୀର ଏଭଳି କାର୍ଯ୍ୟକଳାପ ଯୋଗୁ ମାଡ଼ଗାଳି ଆଶଙ୍କାରେ କେତେଜଣ ଏଜେଣ୍ଟ ଭୟଭୀତ ହୋଇ ପଡ଼ିଥିବା ଜଣାପଡ଼ିଛି।

### ଅର୍ଥାଭାବରୁ ଦିବ୍ୟାଙ୍ଗ ଝିଅଙ୍କ ବିବାହ ବନ୍ଦ



କାର୍ଯ୍ୟାଳୟ ଫାଟକରେ ଆନ୍ଦୋଳନକାରୀ ତାଲା ପକାଇଛନ୍ତି।

ପୁରୀ ଜିଲା କଣାସ ବ୍ଲକ ଦେଇପୁର ପଞ୍ଚାୟତସ୍ଥ ଚନ୍ଦ୍ରମା ପାଟପୁର ଗ୍ରାମର ଜମାକାରୀ କେଳି ସାହୁ(୭୦) କହନ୍ତି, ଦୀର୍ଘ ୬ ମାସ ଏବଂ ଏବେ ଟାଣ ଖରାରେ ଟଙ୍କା ପାଇବା ପାଇଁ ମୁଁ ଦୌଡ଼ି ଦୌଡ଼ି ନୟାନ୍ତ ହେଲିଣି। ମୋ ପୁଅ ଜଣେ ମାନସିକ ଭିନ୍ନକ୍ଷମ। ମୋ ପୁଅ ତା ଝିଅର ବିବାହ ନିମନ୍ତେ ଟଙ୍କା ଜମା କରିଥିଲା। ମ୍ୟାଚୁରିଟି ଟଙ୍କା ନ ମିଳିବାରୁ ଠିକ୍ ହୋଇ ସାରିଥିଲେ ମଧ ମୋ ନାତୁଣୀର ବାହାଘର ହୋଇପାରିଲାନି। ସେ କହିଥିଲେ, ଟଙ୍କା ନ ନେଲେ ଏଠାରୁ ମୁଁ ଯିବିନାହିଁ।

ଖୋର୍ଦ୍ଧା ଅଞ୍ଚଳର ଲକ୍ଷ୍ମୀକାନ୍ତ ପ୍ରଧାନ କହନ୍ତି, ମୁଁ ଜଣେ ଅତି ଗରିବ ଲୋକ । ବହୁ କଷ୍ଟରେ ପେଟରୁ କାଟି ଭିନ୍ନକ୍ଷମ ଝିଅର ବିବାହ ନିମନ୍ତେ ଟଙ୍କା ରଖିଥିଲି। କିନ୍ତୁ ମ୍ୟାଚୁରିଟି ପରେ ମଧ ଜମାଟଙ୍କା ନ ମିଳିବାରୁ ତା'ର ବାହାଘର ଭାଙ୍ଗିଗଲା।

ସେହିପରି ଯାଜପୁର ଗ୍ରାମ(ଲେଣ୍ଡେ ପଞ୍ଚାୟତ)ର ନଳିନୀ ପ୍ରଧାନ କହିଥିଲେ ଯେ, ଆମ ଗ୍ରାମର କେତେଜଣ ବୋହୂ ୧୯ ହଜାର, ୨୧ ହଜାର ଆଦି ଜମାରାଶି ରଖିଥିଲେ। କିନ୍ତୁ ୬ ମାସ ପରେ ମଧ ମ୍ୟାଚୁରିଟି ନ ମିଳିବାରୁ ଆମେ ବାଧ ହୋଇ ତାଲା ପକାଇଥିଲୁ।

ତଇଲା(କଣାସ)ର ସୁକାନ୍ତ ତାଡ଼ କହିଥିଲେ, ନିଜର ଜମା ଟଙ୍କା ପାଇବା ପାଇଁ ସେ ମ୍ୟାନେଜରଙ୍କୁ ଦେଖା କରିଥିଲେ। ତେବେ ମ୍ୟାନେଜର ତାଙ୍କୁ କହିଥିଲେ ଯେ ଯେଉଁ ଏଜେଣ୍ଟଙ୍କୁ ଟଙ୍କା ଦେଇଛ ତାକୁ ଧର। ଆମେ କିଛି କରିପାରିବୁ ନାହିଁ ।

ଏ ସମସ୍ତ ସମସ୍ୟା ନେଇ ନିରାକାରପୁର ଶାଖା, ସାହାରା ଇଣ୍ଡିଆର ପରିଚାଳକ ସଞ୍ଜୀବ କୁମାର ଦାସଙ୍କୁ ପଚାରିବାରୁ ସେ କହିଥିଲେ କି, କମ୍ପାନୀର ଆକାଉଣ୍ଟରେ ଗୋଟିଏ ପ୍ରତିବନ୍ଧକ ଲାଗିଛି। ସେଥିପାଇଁ ଟଙ୍କା ମିଳିବାରେ ଟିକିଏ ଅସୁବିଧା ହେଉଛି। ତେବେ ମ୍ୟାଚୁରିଟି ଟଙ୍କା ଡେରି ହେଲେ ଆମେ ତାର ସୁଧ ଦେଉଛୁ ବୋଲି ସେ ସୂଚନା ଦେଇଥିଲେ।

■ ଜଟଣୀ ମ୍ୟୁନିସିପାଲିଟିର ବନ୍ଦ ନିର୍ଦ୍ଦେଶକୁ ବେଖାତିର

# ବେଆଇନ ଭାବେ ଟେଲିଫୋନ ଟାୱାର ନିର୍ମାଣ

### ଅଭିଯୋଗ କରିବାକୁ ଯାଇ ଥାନାରେ ୨ ଘଣ୍ଟା ବସିଲେ ନିର୍ବାହୀ ଅଧିକାରୀ

**ଜଟଣୀ,୨୫।୬(ଡି.ଏନ.ଏ.)**

ଘରୋଇ ସଂସ୍ଥା, ଜମି ମାଲିକ ଓ ପୋଲିସ ପ୍ରଭାବ ଆଗରେ ଜଟଣୀ ମ୍ୟୁନିସିପାଲିଟିର ନିର୍ଦ୍ଦେଶ ଦୁର୍ବଳ ହୋଇପଡ଼ିଥିଲା। ଏପରି କି ଅଭିଯୋଗ କରିବାକୁ ଯାଇଥିବା ଜଟଣୀ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଥାନାରେ ଦୁଇ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଯଦି ଜଣେ ପ୍ରଶାସନିକ ଅଧିକାରୀଙ୍କ ଏପରି ଅବସ୍ଥା ତେବେ ସାଧାରଣ ଜନତା ଥାନାରୁ କ'ଣ ନ୍ୟାୟ ପାଉଥିବେ ଏଥିରୁ ଅନୁମେୟ। ବେଆଇନ ଭାବେ ନିର୍ମାଣ ହେଉଥିବା ଏକ ଟେଲିଫୋନ୍ ଟାୱାରକୁ ନେଇ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାକୁ ନେଇ ମ୍ୟୁନିସିପାଲିଟି ପାଇଁ ଏହା ସମ୍ମାନର ପ୍ରଶ୍ନ ହୋଇପଡିଥିଲା। ଶେଷରେ ବିନା କାହାର ସହାୟତାରେ ନିଜ କର୍ମଚାରୀଙ୍କୁ ନେଇ ବେଆଇନ ଟାୱାର ନିର୍ମାଣକୁ ମ୍ୟୁନିସିପାଲିଟି ବନ୍ଦ କରିବାରେ ସକ୍ଷମ ହୋଇଛି। ଏକ ଘରୋଇ ସଂସ୍ଥାର ଟାୱାର ସ୍ଥାପନକୁ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ବିରୋଧ କରିବାକୁ ନେଇ ଏପରି ବିବାଦୀୟ ପରିସ୍ଥିତି ଆରମ୍ଭ ହୋଇଥିଲା।

ମ୍ୟୁନିସିପାଲିଟି ଅନ୍ତର୍ଗତ ୭ ନଂ. ୱାର୍ଡ ବାଲିଛକ ସାହିରେ ଏହି ଘଟଣା ଘଟିଛି। ସାହିର ଏକ ସ୍ଥାନରେ ଜଣକର କିଛି ଖାଲି ଜମି ରହିଛି। ଖାଲିଥିବା ଜମିରେ ଏକ ଘରୋଇ ସଂସ୍ଥା ଟାୱାର ସ୍ଥାପନ ପାଇଁ ୨୦୧୮ ଡିସେମ୍ବରରୁ ଉଦ୍ୟମ କରୁଛି। ଏଥିପାଇଁ ସମ୍ପୃକ୍ତ ଜମିର ମାଲିକ ଏହି ଘରୋଇ ସଂସ୍ଥାକୁ ଅନୁମତି ଦେଇଛି। ତେବେ ଜନବସତି ଅଞ୍ଚଳରେ ଟାୱାର ସ୍ଥାପନକୁ ସାହିର ଅନେକ ଲୋକ ବିରୋଧ କରି ଆସୁଛନ୍ତି। ଏ ନେଇ ଜିଲାପାଳ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଓ ପୋଲିସକୁ ବହୁବାର ଅଭିଯୋଗ କରିଛନ୍ତି। ଅଭିଯୋଗ ସତ୍ତ୍ୱେ ଘରୋଇ ସଂସ୍ଥା ନିର୍ମାଣ କାର୍ଯ୍ୟ ଜାରି ରଖିବାରୁ ସାହିଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଫଳରେ ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟ ବନ୍ଦ ପାଇଁ ମେ' ୩୦ରେ ଜଟଣୀ ମ୍ୟୁନିସିପାଲିଟି ପକ୍ଷରୁ ଜମି ମାଲିକ ଓ ଘରୋଇ ସଂସ୍ଥାକୁ ଚିଠି କରାଯାଇଥିଲା।



ଘରକୁ ଲଗାଇ ଟାୱାର ପାଇଁ କଂକ୍ରିଟ ଖୁଣ୍ଟ ନିର୍ମାଣ କରାଯାଉଛି ।

ଏହି ଚିଠିକୁ ବେଖାତିର କରି ଘରୋଇ ସଂସ୍ଥା ତା'ର ନିର୍ମାଣ କାର୍ଯ୍ୟ ଜାରି ରଖିଥିଲା। ଟାୱାର ସ୍ଥାପନ ପାଇଁ ଜମିର ଚତୁଃପାର୍ଶ୍ୱରେ ଥିବା ଘରର କାନ୍ଥକୁ ଲଗାଇ ଗଭୀର ଗର୍ତ୍ତ ଖୋଳିବା ଦ୍ୱାରା ଅତଡା ଖସିବା ଆରମ୍ଭ ହୋଇଥିଲା। ୪ଦିନ ପୂର୍ବେ ଜମିକୁ ଲାଗିଥିବା ଗୋପାଳ ଚନ୍ଦ୍ର ଦାସ, ନୃପେନ୍ଦ୍ରନାଥ ଦାସ ପ୍ରମୁଖଙ୍କ ଘରଗୁଡିକ ଭୁଶୁଡି ପଡିବା ଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା ବାଲିବସ୍ତା ଢ଼ିରା ଦିଆଯାଇଥିଲା। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଗତ ୨୨ ତାରିଖରେ ଘଟଣାସ୍ଥଳକୁ ଯାଇ ପ୍ରକୃତ ପରିସ୍ଥିତି ଦେଖିବା ପରେ ତାଜୁବ୍ ହୋଇ ଯାଇଥିଲେ। ତୁରନ୍ତ କାର୍ଯ୍ୟ ବନ୍ଦ ପାଇଁ କହିଥିଲେ। ହେଲେ କାମ ବନ୍ଦ ହୋଇ ନ ଥିଲା। ସୋମବାର ସନ୍ଧ୍ୟାରେ ପୁନଃ କାର୍ଯ୍ୟ ଚାଲିଥିବା ଖବରପାଇ ନିର୍ବାହୀ ଅଧିକାରୀ ଥାନାକୁ ଯାଇ ଏପରି ବେଆଇନ କାର୍ଯ୍ୟ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ବେଆଇନ କାର୍ଯ୍ୟ ବନ୍ଦ ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗରେ ଉଲ୍ଲେଖ କରିଥିଲେ। ତେବେ ନିର୍ବାହୀ ଅଧିକାରୀଙ୍କୁ ଏଥିପାଇଁ ଥାନାରେ ୨ ଘଣ୍ଟା କାଟିବାକୁ ପଡ଼ିଥିଲା। ଥାନା ଆଇଆଇସି ଛୁଟିରେ ଥିବାରୁ ଦାୟିତ୍ୱରେ ଥିବା ଅଧିକାରୀ ୨ ଘଣ୍ଟା ପରେ ତାଙ୍କ ଏତଲା ଗ୍ରହଣ କରିଥିଲେ। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ଏପରି ଘଟଣାକୁ ସ୍ୱୀକାର କରିଛନ୍ତି। ଘଟଣା ଉପଲବ୍ଧି ପରେ ମ୍ୟୁନିସିପାଲିଟି ପୂର୍ବରୁ ଦେଇଥିବା ଅନୁମତିକୁ ରଦ୍ଦ କରି କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲା। ନିର୍ଦ୍ଦେଶ ଓ ଥାନାରେ ଅଭିଯୋଗ ପରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ଜଣାପଡିବା ପରେ ଖୋଳା ଯାଇଥିବା ବଡ ଗର୍ତ୍ତଗୁଡ଼ିକୁ ମ୍ୟୁନିସିପାଲିଟି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଜେସିବି ଲଗାଇ ପୋତା ଯାଇଛି। ପୁଣି କାର୍ଯ୍ୟ ଆରମ୍ଭ ହେଲେ ଆବଶ୍ୟକ ପଡିଲେ ସମ୍ପୃକ୍ତ ଜମି ଉପରେ ୧୪୪ ଧାରା ଜାରି ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

■ ୧୪୧ ସ୍କୁଲରେ ତାଲା ଝୁଲିବ, ମିଶ୍ରଣକୁ ଲୋକଙ୍କ ବିରୋଧ

# ଜିଲାପାଳ, ଡିଇଓଙ୍କ କାର୍ଯ୍ୟାଳୟରେ ପ୍ରତିବାଦ

**ଖୋର୍ଦ୍ଧା ଅଫିସ,୨୫।୬:**

ଖୋର୍ଦ୍ଧା ଜିଲାରେ ୧୪୧ ସ୍କୁଲରେ ତାଲା ଝୁଲିବା ଓ ମିଶ୍ରଣ ପ୍ରକ୍ରିୟାକୁ ବିରୋଧ ବଢିବାରେ ଲାଗିଛି। ସ୍କୁଲ ବନ୍ଦ ସପକ୍ଷରେ ସ୍ଥାନୀୟ ଜନସାଧାରଣ ନାହାନ୍ତି। ଏପରିକି ସରକାରୀ ଦଳର ନିଷ୍ପତ୍ତିକୁ ନିଜ ଶାସକ ଦଳର କେତେଜଣ ବିଧାୟକ ଓ ଦଳୀୟ କର୍ମକର୍ତ୍ତା ଗ୍ରହଣ କରିବାକୁ ରାଜି ନୁହନ୍ତି। ସେମାନେ ଲୋକଙ୍କ ସପକ୍ଷରେ ସ୍କୁଲ ରହିବାକୁ ଦାବି କରୁଛନ୍ତି। ସ୍କୁଲ ବନ୍ଦ ନ କରିବାକୁ ପ୍ରତିଦିନ ଅଧିକାଂଶ ଗାଁର ଲୋକ ଜିଲାପାଳ ଓ ଡିଇଓଙ୍କ କାର୍ଯ୍ୟାଳୟରେ ପ୍ରତିବାଦ କରିବାକୁ ଭିଡ ଜମାଉଛନ୍ତି। ଏପରିକି ସ୍କୁଲ ବନ୍ଦ ନ କରିବାକୁ ବିଭିନ୍ନ ଯୁକ୍ତି ଉପସ୍ଥାପନ କରି ସ୍ମାରକପତ୍ର ଦେଉଛନ୍ତି। ମଙ୍ଗଳବାର ଜଟଣୀ ବ୍ଲକ ଛତାବର ପଞ୍ଚାୟତ ହରପୁର ଗାଁର ଲୋକେ ସ୍ଥାନୀୟ ସରପଞ୍ଚ ମନସ୍ୱିନୀ ମିଶ୍ର ଡେଙ୍ଗ ଓ ଜିଲା ବିଜେଡି ଯୁବ ସଭାପତି ବିଷ୍ଣୁ ପ୍ରସାଦ ଡେଙ୍ଗ ଜଟଣୀଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟି ସ୍କୁଲ ନ ଭାଙ୍ଗିବାକୁ ସ୍ମାରକପତ୍ର ଦେଇଛନ୍ତି। ହରପୁର ପ୍ରାଥମିକ ବିଦ୍ୟାଳୟ ଅରିସଲ ପ୍ରାଥମିକ ବିଦ୍ୟାଳୟରେ ମିଶିବାକୁ ଯାଉଛି। ହରପୁରଠାରୁ ଅରିସଲ ୩ କିମି ଦୂର। ପ୍ରତିଦିନ ୩ କିମି ଚାଲି କରି ଯିବା ଛାତ୍ରୀଛାତ୍ରଙ୍କ ପକ୍ଷରେ ସମ୍ଭବ ନୁହେଁ। ଅପରପକ୍ଷେ ବୋଲଗଡ ବ୍ଲକ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ବନ୍ଦ ନ କରିବାକୁ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ନିଜ ପ୍ୟାଡରେ ଲେଖି ଡିଇଓଙ୍କୁ ଅବଗତ କରାଇଛନ୍ତି। ସେହିପରି ଖୋର୍ଦ୍ଧା ବ୍ଲକ କାୟା ପ୍ରାଥମିକ ବିଦ୍ୟାଳୟ ଗୋଳବାଇ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ହେବାର ରହିଛି। କାୟା ସ୍କୁଲରେ ୧୬ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଠାରେ ପୁଣି ୨୦ଜଣ ଛାତ୍ରୀଛାତ୍ର ନୂଆକରି ନାଁ ଲେଖାଇବାର ରହିଛି। ଏଭଳିସ୍ଥଳେ ପ୍ରଶାସନ ସ୍କୁଲ ଭାଙ୍ଗିବାର ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ସ୍ଥାନୀୟ ଲୋକ ଏହାକୁ ବିରୋଧ କରି ଡିଇଓଙ୍କୁ ଫେରାଦ ହୋଇଛନ୍ତି। ବେଗୁନିଆ ବ୍ଲକର ନିଆଁମୁହଁ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଡାଳତୋଲା ନୋଡାଲ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ମିଶ୍ରଣ ହେବାକୁ ଯାଉଛି। ନିଆଁମୁହଁ ଗ୍ରାମବାସୀ ଏହାକୁ ବିରୋଧ କରି ଡିଇଓଙ୍କୁ ଫେରାଦ ହୋଇଛନ୍ତି। ତେବେ କେଉଁ ସ୍କୁଲ ରହିବ, କେଉଁ ସ୍କୁଲ ମିଶ୍ରଣ ହେବ ସେନେଇ ଜିଲାପାଳଙ୍କ ଅଧକ୍ଷତାରେ ୨୮ ତାରିଖରେ ଶିକ୍ଷା ବିଭାଗର ମିଟିଂ ହେବ। ମିଟିଂ ନିଷ୍ପତ୍ତିକୁ ସାଧାରଣରେ ଅପେକ୍ଷା କରାଯାଉଛି। ପ୍ରକାଶଥାଉ କି ଖୋର୍ଦ୍ଧା ଜିଲାରେ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ୧୧ଟି ସ୍କୁଲ ବନ୍ଦ ହୋଇଯାଇଛି। ଏହି ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷକ ନିକଟସ୍ଥ ସ୍କୁଲରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷେ ୧ କିମି ବ୍ୟାସାର୍ଦ୍ଧ ଭିତରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ, ୩ କିମି ବ୍ୟାସାର୍ଦ୍ଧ ଭିତରେ ଗୋଟିଏ ଏମ୍ଇ ସ୍କୁଲ(ଅପର ପ୍ରାଇମେରୀ) ଓ ୫ କିମି ବ୍ୟାସାର୍ଦ୍ଧ ଭିତରେ ଗୋଟିଏ ହାଇସ୍କୁଲ ରହିବା ଉଦ୍ଦେଶ୍ୟରେ ୧୧୩ ସ୍କୁଲରେ ୧୩୦ ସ୍କୁଲ ମିଶ୍ରଣ ହେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଜିଲାର କେତେଗୋଟି ସ୍କୁଲ ମିଶି ସାରିଲାଣି।

■ ଖୋର୍ଦ୍ଧାରେ ନିଶା କାରବାର ଉପରେ ନାହିଁ ଲଗାମ

# ଦକ୍ଷିଣ ଓଡ଼ିଶାରୁ ଆସୁଛି ଭାଙ୍ଗ, ଗଞ୍ଜେଇ

**ଖୋର୍ଦ୍ଧା ଅଫିସ, ୨୫।୬**

ଖୋର୍ଦ୍ଧାରେ ନିଶା କାରବାର ଉପରେ ଲଗାମ ନାହିଁ। ଦକ୍ଷିଣ ଓଡ଼ିଶାରୁ ଭାଙ୍ଗ, ଗଞ୍ଜେଇ ଆସୁଛି। ଏଠାରେ ବାଲେଶ୍ୱର ବ୍ରାଉନସୁଗାରର ଚାହିଦା ଅଧିକ। ଧରପଗଡର ଭୟ ନ ଥିବାରୁ ନିଶା କାରବାରର ସାମ୍ରାଜ୍ୟ ବଢ଼ିବାରେ ଲାଗିଛି। ଜିଲା ସଦର ମହକୁମାରେ ନିଶା କାରବାରକୁ ନେଇ ପୋଲିସ ଓ ଅବକାରୀ ବିଭାଗର ନୀରବତା ଅନେକ ପ୍ରଶ୍ନ ଉଠାଉଛି। ହାତଗୁଞ୍ଜା, ମାସିକିଆ କୋଟା ମୁହଁରେ ତାଲା ପକାଇ ଦେଇଛି ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି। କାରଣ ନିଶା କାରବାର ଉପରେ ପ୍ରତିବାଦ ଓ ବିରୋଧ କଲେ ମିଳୁନି ସୁରକ୍ଷା।

ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳରୁ ରେଳ ଓ ସଡକପଥରେ ଖୋର୍ଦ୍ଧା ଜିଲା ଦେଇ କ୍ରମାଗତ ଭାବେ ଚୋରାରେ ଭାଙ୍ଗ, ଗଞ୍ଜେଇ ଆଦି ନିଶା ଦ୍ରବ୍ୟ ଆସୁଛି। ଟ୍ରେନରୁ ବିଭିନ୍ନ ସମୟରେ ଭୁବନେଶ୍ୱର, ଜଟଣୀ, ବାଲୁଗାଁ ଓ ନିରାକାରପୁର ରେଲୱେ ଷ୍ଟେଶନରୁ ନିଶାଦ୍ରବ୍ୟ ଜବତ କରାଯାଇଛି। ସେହିପରି ରାତିରେ ଆସୁଥିବା ବସରୁ ଗଞ୍ଜେଇ ଜବତ ହୋଇଛି। ଏଭଳିସ୍ଥିତିରେ ନିଶାଦ୍ରବ୍ୟ ପରିବହନ ଲାଗି ରେଳ, ରାତ୍ରୀକାଳୀନ ବସ୍ ସୁରକ୍ଷିତ ଓ ନିରାପଦ ମାଧମ ପାଲଟିଛି। ବିଭାଗୀୟ ଅଧିକାରୀ ଉପଯୁକ୍ତ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ କାରବାର ବଢ଼ି ଚାଲିଛି। ନିଜ ଉପରୁ ଦୋଷ ଖସାଇବାକୁ ଅବକାରୀ ବିଭାଗ ମଝିରେ ମଝିରେ ଚଢ଼ାଉ କରୁଛି। ପରବର୍ତ୍ତୀ ଅବସ୍ଥାରେ ଚୁପ ରହିବାରୁ କାରବାର ବୃଦ୍ଧି ପାଉଛି। ସେହିଭଳି ବିହାରର ପାଟଣା ଓ ଭାଗଲପୁର ଏବଂ ଦକ୍ଷିଣ ଓଡ଼ିଶାର ଫୁଲବାଣୀ, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି, ବୌଦ୍ଧ, ଚିତ୍ରକୁଣ୍ଡା, କୋରାପୁଟ ଆଦି ଅଞ୍ଚଳରୁ ଚୋରାରେ ବ୍ୟାପକ ଭାଙ୍ଗ ଓ ଗଞ୍ଜେଇ ଖୋର୍ଦ୍ଧା ଜିଲାକୁ ଆସୁଛି ବୋଲି ଜଣେ ନିଶା ବେପାରୀ ନା ଗୋପନ ରଖି କହିଛନ୍ତି।

### ବାଲେଶ୍ୱରରୁ ବ୍ରାଉନସୁଗାର

ବାଲେଶ୍ୱରରୁ ବ୍ରାଉନସୁଗାର ଆସୁଛି। ଖୋର୍ଦ୍ଧା ସହରର ବିଭିନ୍ନ ୱାର୍ଡରେ କେତେଜଣ ଯୁବକ ୨ରୁ ୫ ଗ୍ରାମ ଭିତରେ ବ୍ରାଉନସୁଗାର ପୁଡିଆ ଧରି ଦଳ ଦଳ ହୋଇ ଅବାଧରେ କାରବାର ଚାଳାଇଛନ୍ତି। ୫ ଗ୍ରାମ ଭିତରେ ବ୍ରାଉନସୁଗାର ଜବତ ହେଲେ ଗିରଫ ପରେ ଜାମିନ ମିଳି ଯାଉଥିବାରୁ ଟେନସନ ନାହିଁ। ତେବେ ମାସିକିଆ କୋଟା ଯୋଗୁ ଗିରଫଦାରି ଭୟ ନ ଥିବା ଜଣେ ବେପାରୀ କହିଛନ୍ତି। ଜିଲାର ପ୍ରତି ଥାନା ଅଧିକାରୀ ଯେକୌଣସି ସମୟରେ ଜରିମାନା ଆଦାୟ କରିବାର କ୍ଷମତା ରହିଛି। ଥାନା ସବୁକୁ ଜରିମାନା ଆଦାୟ ଲାଗି ରଶିଦ୍ ବହି ଯୋଗାଇ ଦିଆଯାଇଛି। ଅଧିକାରୀମାନେ ଥାନା ସମସ୍ୟାକୁ ବୁଝିବାକୁ ସମୟ ପାଉନାହାନ୍ତି। ଜରିମାନା ଆଦାୟ କରିବାକୁ ପାଖରେ ସମୟ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷେ କୋଟ୍‌ପା ଆଇନ–୨୦୦୩ର ସେକ୍ସନ ୪ ଅନୁଯାୟୀ ସ୍କୁଲ, କଲେଜ, ଅଡିଟୋରିୟମ, ବସଷ୍ଟାଣ୍ଡ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଆଦି ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ୨ ଶହ ଟଙ୍କା ଜରିମାନା ଦେବାକୁ ନିୟମ ରହିଛି। ଜଣେ ବ୍ୟକ୍ତିଙ୍କଠାରୁ ଏକାଧିକ ଥର ଜରିମାନା ଆଦାୟ କରାଯାଇପାରିବ। ସେକ୍ସନ–୬ (ଏ) ଅନୁଯାୟୀ ୧୮ବର୍ଷ କମ୍ ପିଲା, ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନର ଶହେ ଗଜ ଦୂର ମଧରେ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି କରାଯାଇ ପାରିବ ନାହିଁ। ବିକ୍ରି କଲେ ୨ ଶହ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ହେଲେ ଆଇନ ଶୀତଳଭଣ୍ଡାରରେ ରହି ସବୁ କାରବାରକୁ ପ୍ରୋତ୍ସାହନ ମିଳୁଛି। ଏ ନେଇ ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ ମିଶ୍ର କୁହନ୍ତି, ବ୍ରାଉନସୁଗାର ଆଦି ନିଶାଦ୍ରବ୍ୟର କାରବାରକୁ ରୋକିବାକୁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଆଗାମୀଦିନରେ ତ୍ୱରାନ୍ୱିତ ହେବ। ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ରଞ୍ଜନ ନାୟକ କୁହନ୍ତି, ବିଭାଗ ପକ୍ଷରୁ ବ୍ରାଉନସୁଗାର, ଅନ୍ୟ ନିଶା ଦ୍ରବ୍ୟ ଉପରେ ଚଢ଼ାଉ ଜାରି ରହିଛି।

■ ସହରାଞ୍ଚଳ ଗୃହନୀତି ନିୟମରେ ମିଳିଲା କାର୍ଯ୍ୟାଦେଶ

# ଜାଗା ମିଶନରେ ପଟ୍ଟାଧାରୀ ହିତାଧିକାରୀ ଉପକୃତ

**ଖୋର୍ଦ୍ଧା ଅଫିସ, ୨୫।୬**

ସହରାଞ୍ଚଳରେ ସମସ୍ତଙ୍କ ପାଇଁ ଗୃହ ନୀତି ନିୟମ ଅନୁସାରେ ଜାଗା ମିଶନରେ ପଟ୍ଟା ପାଇଥିବା ଖୋର୍ଦ୍ଧା ପୌରାଞ୍ଚଳରେ ୪୪୫ ଭୂମିହୀନ ହିତାଧିକାରୀଙ୍କୁ ସୋମବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଖୋର୍ଦ୍ଧା ପୌରପରିଷଦ ସଭାଗୃହରେ ମଙ୍ଗଳବାର ଅପରାହ୍ନରେ କାର୍ଯ୍ୟନିର୍ବାହୀ ଅଧିକାରୀ ଡି. ଶ୍ୱେତପଦ୍ମା ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗଦେଇ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରଛନ୍ତି। ଏଥିରେ କେନ୍ଦ୍ର ସରକାର ୧ଲକ୍ଷ ୫୦ ହଜାର ସହାୟତା ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବେ। ଏହା ମୋଟ ୪ ଗୋଟି କିସ୍ତିରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯିବ। ଖୋର୍ଦ୍ଧା ପୌରାଞ୍ଚଳରେ ଥିବା ୨୨ ଗୋଟି ୱାର୍ଡ ମଧ୍ୟରୁ ୧୧ ନଂ. ଓ ୧୬ ନଂ. ୱାର୍ଡ ସର୍ଭେରୁ ବାଦ୍ ପଡିଥିଲା। କେବଳ ୨୦ ଗୋଟି ୱାର୍ଡର ୪୪୫ ବାସହୀନ ପରିବାର ପଟ୍ଟା ପାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏହି ୱାର୍ଡକୁ ସର୍ଭେ କରାଯାଇ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ ସମେତ ୨ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ମଧ ପ୍ରଦାନ କରାଯିବ। ଏହାଛଡ଼ା ସର୍ଭେରୁ ବାଦ ପଡ଼ିଥିବା ଗରିବ ଭୂମିହୀନମାନଙ୍କୁ ମଧ ସାମିଲ କରାଯିବାକୁ ଚେଷ୍ଟା ଜାରି ରହିଛି ବୋଲି ବିଧାୟକ ମିତ୍ର କହିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟାଦେଶ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ପୂର୍ବତନ ବରିଷ୍ଠ କାଉନ୍‌ସିଲର ବିଭୁ ପ୍ରସାଦ ସାହୁ, ବିଜେଡି ଯୁବ ନେତା ଦିଲୀପ କୁମାର ହୋତା, ମହମ୍ମଦ ଆରିଫଙ୍କ ସମେତ ପୌରପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ହିତାଧିକାରୀଙ୍କୁ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ, କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।

-ମନୋଜ ଦାସ



## ସଂକ୍ଷେପରେ

### ବ୍ଲୁ ଫ୍ଲାଗ ବିଚ୍ର ବିକାଶ ପାଇଁ ପଦକ୍ଷେପ

ପୁରୀ ଅଫିସ, ୨୫।୬:ପୁରୀ ବେଳାଭୂମିକୁ ମିଳିଛି ବ୍ଲୁ ଫ୍ଲାଗ୍ ମାନ୍ୟତା। ଗାନ୍ଧୀପାର୍କଠାରୁ ହୋଟେଲ ମେ ଫେୟାର ପର୍ଯ୍ୟନ୍ତ ଅଞ୍ଚଳକୁ ପାଇଲଟ୍ ବ୍ଲୁ ଫ୍ଲାଗ ବିଚ୍ ଭାବେ ବିକାଶ କରାଯିବ। ଉପକୂଳ ଅଞ୍ଚଳର ଦୀର୍ଘସ୍ଥାୟୀ ପର୍ଯ୍ୟଟନକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳର ଉନ୍ନତୀକରଣ କରାଯିବ । ଏ ନେଇ ସୋମବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ, ରାଷ୍ଟ୍ରୀୟ ଲାଇଫ୍ ସେଭିଂ ସୋସାଇଟି ନାମକ ଏକ ସଂସ୍ଥା ସର୍ବେକ୍ଷଣ କରିବା ପରେ ୧୫୦ ମିଟର ଲମ୍ବ ଓ ୩୫ ମିଟର ଓସାରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଗାଧୋଇବା ଏବଂ ପହଁରିବା ପାଇଁ ନିରାପଦ ସ୍ଥାନ ଭାବେ ଚିହ୍ନଟ କରିଛି। ଏହି ଅଞ୍ଚଳକୁ ମୁଖ୍ୟତଃ ଦୁଇଟି ରଙ୍ଗର ପତାକା (ନାଲି ଓ କମଳା) ଦ୍ୱାରା ଓ ବାଡ଼ ପକାଯିବ। ଏହି ଅଞ୍ଚଳ ଗାଧୋଇବା ଓ ପହଁରିବା ପାଇଁ ଉତ୍କୃଷ୍ଟ ସ୍ଥାନ ତଥା ସବୁଠୁ ନିରାପଦ ଅଞ୍ଚଳ ଭାବେ ବିବେଚନା କରାଯିବ। ଫାଉଣ୍ଡେଶନ ଅଫ୍ ଏନ୍ଭାଇରନ୍ମେଣ୍ଟାଲ ଏଜୁକେଶନ (ଫି) ନାମକ ଅନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ୩୩ଟି ମାନଦଣ୍ଡକୁ ଅନୁପାଳନ କରିପାରିଲେ ଏହି ପ୍ରକଳ୍ପ ସଫଳ ହେଲା ବୋଲି ବିବେଚନା କରାଯିବ। ଏହି ଅଞ୍ଚଳ ମଧ୍ୟରେ ଜଳର ଗୁଣବତ୍ତାକୁ ନଷ୍ଟ କରୁଥିବା ଏବଂ ପହଁରାଳିଙ୍କ ସୁରକ୍ଷା ଦୃଷ୍ଟିରୁ ଜଳକ୍ରୀଡ଼ା, ମାଛ ଧରିବା, ଖୋଲା ମଳତ୍ୟାଗ, ଆବର୍ଜନା ନିର୍ଗମନ ଆଦି ପ୍ରଦୂଷଣକାରୀ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

### ଶ୍ରୀକ୍ଷେତ୍ର ମଉଡ଼ମଣି ସମ୍ମାନ

ପୁରୀ ଅଫିସ,୨୫।୬: ବାତ୍ୟା ପରେ ବିଦ୍ୟୁତ ମରାମତି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସହଯୋଗ କରିବା ଲାଗି ବହୁ ଯୁବକ ଆଗେଇ ଆସିଥିଲେ। ଏମାନଙ୍କ ମଧ୍ୟରେ ଥିଲେ ପୁରୀ ସହରସ୍ଥ ବାଲିଉପରବସ୍ତିର ଏସ୍.ମଙ୍ଗରାଜ ରାଓ ଏବଂ ପିପିଲି ଥାନା ଅଧୀନ ଦାଣ୍ଡମୁକୁନ୍ଦପୁରର ପବିତ୍ର ଜେନା। ଦୁହେଁ ବିଦ୍ୟୁତଖୁଣ୍ଟରେ ଚଢ଼ି କାମ କରୁଥିବାବେଳେ ପ୍ରାଣ ହରାଇଥିଲେ। ସେହିପରି ଦତ୍ତତୋଟାର ଠିକାଦାର ଗୋବିନ୍ଦ ମିଶ୍ରଙ୍କର ଜୀବନ ଯାଇଥିଲା। ମଙ୍ଗଳବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦୀପ ପ୍ରଜ୍ୱଳନ କରି ଏମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ମରଣୋତ୍ତର ଭାବେ ଶ୍ରୀକ୍ଷେତ୍ର ମଉଡ଼ମଣି ସମ୍ମାନରେ ସମ୍ମାନିତ କରାଯାଇଛି। ସରକାର ସେମାନଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ପରିବାରର ଜଣକୁ ଚାକିରି ଦେବାକୁ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି।

### କୁସ୍ତି ଖେଳାଳି ହଟହଟା

ପୁରୀ ଅଫିସ, ୨୫।୬:ରାଜସ୍ଥାନର କୋଟାରେ ଗତ ୨୧ରୁ ୨୩ତାରିଖ ପର୍ଯ୍ୟନ୍ତ ଜାତୀୟ ୧୫ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗରେ କୁସ୍ତି ଚାମ୍ପିୟନଶିପ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୧୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ପୁରୀର ୭ଜଣ ରହିଥିଲେ। ଏହି ଟିମ୍ ମଙ୍ଗଳବାର ବିକାନେର-ପୁରୀ ଟ୍ରେନରେ ପୁରୀ ଫେରୁଥିଲେ। ସେମାନଙ୍କ ପାଖରେ ଭୁବନେଶ୍ୱର ପର୍ଯ୍ୟନ୍ତ ଟିକେଟ ଥିଲା। ଫଳରେ ଖୋର୍ଦ୍ଧାରୋଡ଼ ଏବଂ ପୁରୀ ଷ୍ଟେଶନରେ ଏହି ଖେଳାଳିମାନେ ଟିଟିଇଙ୍କ ଦ୍ୱାରା ହଇରାଣ ହୋଇଥିଲେ ।

■ ବଡ଼ଦାଣ୍ଡରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଚଢ଼ାଉ

# ୫ କୁଇଣ୍ଟାଲ ପଲିଥିନ, ପ୍ଲାଷ୍ଟିକ ଜବତ

ପୁରୀ ଅଫିସ,୨୫।୬:

ପୁରୀ ସହରରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ହେଲେ ଏହି କଟକଣାକୁ କେହି ମାନୁନାହାନ୍ତି। ବ୍ୟାପକ ମାତ୍ରାରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଚାଲିଛି। ମଙ୍ଗଳବାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ବଡ଼ଦାଣ୍ଡର ବିଭିନ୍ନ ପ୍ଲାଷ୍ଟିକ ଷ୍ଟୋର, ଭେରାଇଟି ଷ୍ଟୋର, ସୁଇଟ୍ସ ଷ୍ଟଲରେ ଚଢ଼ାଉ କରିଥିଲା। ଗୋଟିଏ ପ୍ଲାଷ୍ଟିକ ଦୋକାନରୁ ପ୍ରାୟ ୫କୁଇଣ୍ଟାଲ ପଲିଥିନ ଓ ପ୍ଲାଷ୍ଟିକ୍ ଜବତ କରାଯିବା ସହ ସମ୍ପୃକ୍ତ ଦୋକାନ ମାଲିକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

ରାଜ୍ୟର ୫ଟି ମହାନଗର (ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର) ନିଗମ ସମେତ ପୁରୀ ସହରରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଏହି ୬ଟି ସ୍ଥାନରେ ପ୍ଲାଷ୍ଟିକ୍‌ର ବିକ୍ରି, ଉତ୍ପାଦନ, ଆମଦାନୀ, ରପ୍ତାନୀ କିମ୍ବା ବଣ୍ଟନ ଉପରେ କଟକଣା ଲଗାଯାଇଛି। କମ୍ପୋଷ୍ଟେବୁଲ ପଲିଥିନ କ୍ୟାରିବ୍ୟାଗ୍‌କୁ ବାଦ୍ ଦେଲେ ଅନ୍ୟ କୌଣସି ପ୍ରକାର ପଲିଥିନ ଏବଂ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ଉପରେ ରୋକ୍ ଲଗାଯାଇଛି। ଗତବର୍ଷ ନଭେମ୍ବର ୩ତାରିଖରୁ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯାଇଥିଲା। ଆରମ୍ଭରୁ ପୁରୀ ପୌରସଂସ୍ଥା ପକ୍ଷରୁ ବିଭିନ୍ନ ଦୋକାନ ଏବଂ ରାସ୍ତାକଡ଼ ଉଠା ବ୍ୟବସାୟ ଉପରେ ଚଢ଼ାଉ କରାଯାଇ ପଲିଥିନ ଜବତ କରାଯିବା ସହ ଜରିମାନା ଆଦାୟ ହୋଇଥିଲା। ମାତ୍ର ଧୀରେ ଧୀରେ ଧରପଗଡ଼ ଶିଥିଳ ହୋଇପଡ଼ିବା ପରେ ପୁଣି ପଲିଥିନ ଏବଂ ପ୍ଲାଷ୍ଟିକ କାରବାର ବ୍ୟାପକ ମାତ୍ରାରେ ଚାଲିଛି। ସବୁଆଡ଼େ ଅବ୍ୟବହୃତ କୁଢ଼ କୁଢ଼ ପ୍ଲାଷ୍ଟିକ ଓ ପଲିଥିନ ପଡ଼ୁଛି। ବିଶେଷକରି ଏହି ପ୍ଲାଷ୍ଟିକ ଓ ପଲିଥିନ ଯୋଗୁ ଅଧିକାଂଶ ସମୟରେ ଡ୍ରେନ୍ ଚୋକ୍ ହେଉଛି। ଅସରାଏ ବର୍ଷା ହେଲେ ପୁରୀ ସହରରେ କୃତ୍ରିମ ବନ୍ୟାର କାରଣ ପାଲଟୁଛି ପ୍ଲାଷ୍ଟିକ ଓ ପଲିଥିନ। ପୁରୀ ସହରରେ ଏବେ ପ୍ରାୟ ସବୁ ଦୋକାନରେ ପଲିଥିନର ବହୁଳ ବ୍ୟବହାର ଚାଲିଛି। ସମସ୍ତେ କଟକଣାକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଆଗକୁ ରଥଯାତ୍ରା ଆସୁଥିବାରୁ ଜିଲା ପ୍ରଶାସନ ଏ ଦିଗରେ ତତ୍ପରତା ପ୍ରକାଶ କରିଛି। ଜିଲାପାଳ ବଳଵନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ପୌରସଂସ୍ଥାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉକୁ ଜୋର୍‌ଦାର କରିଛି। ମଙ୍ଗଳବାର ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶ୍ୟାମସୁନ୍ଦର ମହାପାତ୍ରଙ୍କ ନେତୃତ୍ୱରେ ବଡ଼ଦାଣ୍ଡର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ପ୍ରାୟ ୫କୁଇଣ୍ଟାଲ ପଲିଥିନ ଓ ପ୍ଲାଷ୍ଟିକ ଜବତ କରାଯାଇଛି। ସେହିପରି ଜଣେ ବ୍ୟବସାୟୀଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ଆଉ ଜଣଙ୍କୁ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଏ ସମ୍ପର୍କରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ମହାପାତ୍ର କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପଲିଥିନ ଓ ପ୍ଲାଷ୍ଟିକ ବିକ୍ରେତାଙ୍କ ଉପରେ ଚଢ଼ାଉ କରାଯାଇଥିଲା। ବିଭିନ୍ନ ଭେରାଇଟି ଷ୍ଟୋର, ମିଠାଦୋକାନ, ପ୍ଲାଷ୍ଟିକ ଦୋକାନ ଉପରେ ଚଢ଼ାଉ ହୋଇଥିଲା। ଏକ ମିଠାଦୋକାନରୁ ୬କିଲୋ ପଲିଥିନ ଜବତ ହେବା ସହ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଏକ ପ୍ଲାଷ୍ଟିକ ଦୋକାନରୁ ପ୍ରାୟ ୫କୁଇଣ୍ଟାଲ ପଲିଥିନ, ପ୍ଲାଷ୍ଟିକ, ଥର୍ମୋକୁଲ ଆଦି ଜବତ ହୋଇଛି। ୬୫ଟି ବସ୍ତାରେ ପଲିଥିନ ସିଲ୍ କରାଯାଇ ରଖାଯାଇଥିଲା। ଏଗୁଡ଼ିକୁ ଜବତ କରାଯାଇ ଦୋକାନ ମାଲିକଙ୍କୁ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି।

**ଜଣେ ବ୍ୟବସାୟୀଙ୍କୁ ଲକ୍ଷେ ଟଙ୍କା ଜରିମାନା**



ଅଧିକାରୀମାନେ ପଲିଥିନ୍ ଜବତ କରୁଛନ୍ତି ।

■ ସହରରେ ବିପଦପୂର୍ଣ୍ଣ ହୋର୍ଡିଂ

# ପ୍ରଥମେ ନୋଟିସ, ନ ହଟାଇଲେ ଜରିମାନା

ପୁରୀ ଅଫିସ,୨୫।୬:

ଆସନ୍ତା ଜୁଲାଇ ୪ରେ ରଥଯାତ୍ରା। ଏଥିଲାଗି ପୁରୀରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ। ଏଥିପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଛି। ରାସ୍ତାଘାଟ, ପରିମଳ, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ୍ ଆଦି ସେବା କିପରି ଠିକ୍ ଭାବେ ଲୋକଙ୍କ ପାଇଁ ଉପଲବ୍ଧ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ସହରର ରାସ୍ତାପାର୍ଶ୍ୱରେ ବିପଦପୂର୍ଣ୍ଣ ଭାବେ ଥିବା ହୋର୍ଡିଂଗୁଡ଼ିକୁ ହଟାଇବାକୁ ପ୍ରଶାସନ କୌଣସି ପଦକ୍ଷେପ ନେଇନାହିଁ। ରଥଯାତ୍ରା ସମୟରେ ଏହା ଦୁର୍ଘଟଣାର କାରଣ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ମଙ୍ଗଳବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପୁରୀ ପୌର ସଂସ୍ଥା ତତ୍ପର ହୋଇଉଠିଛି। ସହରରୁ ସମସ୍ତ ବିପଦପୂର୍ଣ୍ଣ ହୋର୍ଡିଂ ହଟାଇବାକୁ ନୋଟିସ ଜାରି କରାଯିବ ବୋଲି ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି। ନୋଟିସ ପାଇବା ପରେ ହୋର୍ଡିଂ ଲଗାଇଥିବା ସଂସ୍ଥା ଯଦି ନିଜେ ତାହାକୁ କାଢ଼ି ନ ଦିଏ ତେବେ ସମ୍ପୃକ୍ତ ସଂସ୍ଥାଠାରୁ ଜରିମାନା ଆଦାୟ କରାଯାଇ ହୋର୍ଡିଂକୁ ହଟାଯିବ ବୋଲି ଦାଶ ସୂଚନା ଦେଇଛନ୍ତି।

ବାତ୍ୟାରେ ସହରର ଅଧିକାଂଶ ହୋର୍ଡିଂ ନଷ୍ଟ ହୋଇଯାଇଛି। ଏପରି କି କେତେକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କାହାର ବେସ୍ ଭାଙ୍ଗିଯାଇଛି ତ ଆଉ କାହାର ଫ୍ରେମ୍ ଝୁଲି ରହିଛି। ଆଗକୁ ରଥଯାତ୍ରା। ଏହିଦିନ ତିନିଠାକୁରଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ଲକ୍ଷ ଲକ୍ଷ ଭକ୍ତ ସମାଗମ ହେବେ। ସେହିପରି ବାହୁଡ଼ା ଓ ସୁନାବେଶ ଦର୍ଶନ ଲାଗି ମଧ୍ୟ ବହୁ ଭକ୍ତ ଆସିବେ। ତେଣୁ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ବିପଦପୂର୍ଣ୍ଣ ଭାବେ ଥିବା ହୋର୍ଡିଂକୁ ହଟାଇବା ଲାଗି ପୌରସଂସ୍ଥା ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ମନ୍ଦିର ଚାରିପାଖରେ ଯେଉଁ ବିପଦସଙ୍କୁଳ କୋଠା ରହିଛି ତାହାର ଯାଞ୍ଚ କରାଯାଇ ରିପୋର୍ଟ ଦିଆଯାଇଛି। ରଥଯାତ୍ରା ସମୟରେ କୌଣସି ଲୋକଙ୍କୁ ସେହି କୋଠା ଉପରକୁ ଛଡ଼ାଯିବ ନାହିଁ। ଏହା ଉପରେ କଟକଣା ରହିବ। ବାତ୍ୟା ପରେ ସହରରେ ଅଧିକାଂଶ ହୋର୍ଡିଂ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏ ନେଇ ଆମ ପାଖରେ କେତେକ ଅଭିଯୋଗ ମଧ୍ୟ ପହଞ୍ଚିଛି। ଏହି ବିପଦସଙ୍କୁଳ ହୋର୍ଡିଂକୁ ହଟାଇବା ପାଇଁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଥମେ ହୋର୍ଡିଂ ଯିଏ ଲଗେଇଥିବେ ତାଙ୍କୁ ନୋଟିସ୍ ଦିଆଯାଇ ହଟାଇବାକୁ କୁହାଯିବ। ସେ ଯଦି ନ ହଟାନ୍ତି ତେବେ ତାଙ୍କଠାରୁ ଜରିମାନା ଆଦାୟ କରାଯାଇ ସେହି ହୋର୍ଡିଂକୁ ହଟାଯିବାର ବ୍ୟବସ୍ଥା କରାଯିବ।

■ଅଳଗୁମ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପନ୍ନ

# ତାଲା ପକାଇ ଧାରଣା ଦେଲେ ଗ୍ରାମବାସୀ



ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଗ୍ରାମବାସୀ ଧାରଣାରେ ବସିଛନ୍ତି ।

ସାକ୍ଷୀଗୋପାଳ, ୨୫।୬(ଡି.ଏନ୍.ଏ.)

ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପନ୍ନ ସାଙ୍ଗକୁ ବ୍ୟାପକ ଅନିୟମିତତା ବିରୋଧରେ ସ୍ଥାନୀୟ ଗ୍ରାମବାସୀ ମଙ୍ଗଳବାର ଦିନ ତମାମ ତାଲା ପକାଇ ସେଠାରେ ଅଚଳାବସ୍ଥା ସୃଷ୍ଟି କରିଥିଲେ। ବହିର୍ବିଭାଗ ସମ୍ମୁଖ ଗେଟରେ ତଲା ପକାଇ ଅସନ୍ତୋଷ ଲୋକେ ବାରଣ୍ଡାରେ ବସିରହିଥିଲେ। ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସେମାନଙ୍କର ୧୩ ଦଫା ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ସେମାନେ କୌଣସି ରୋଗୀ କିମ୍ବା କର୍ମଚାରୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଛାଡ଼ି ନ ଥିଲେ। ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଡାକ୍ତର ଅଭାବ, ଭିତ୍ତିଭୂମି ବିକାଶ ପାଇଁ ବର୍ଷକୁ ବର୍ଷ ବ୍ୟାପକ ଅର୍ଥ ବ୍ୟୟ କରାଯାଉଥିବା ବେଳେ କୌଣସି କର୍ମଚାରୀ ସେଠାରେ ନ ରହିବା। ପୂର୍ବରୁ ଏଠାରେ ପ୍ରସୂତି ଓ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଉଥିବା ବେଳେ ଏହା ଦୀର୍ଘବର୍ଷ ହେଲା ଅଚଳ ହୋଇଛି। ଅପରାହ୍ନ ୫ଟା ପର୍ଯ୍ୟନ୍ତ ଆନ୍ଦୋଳନ କାରୀମାନେ ଧରଣା ଦେଇ ବସି ରହିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବାସନ୍ତୀ ଦେବୀ ସେଠାରେ ପହଞ୍ଚି ଆଲୋଚନା କରିଥିଲେ। ୭ଦିନ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ ଶଯ୍ୟା, ନିଦାନ, ଦିନ ରାତି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଡାକ୍ତର ଉପସ୍ଥିତ ରିବା ପରେ ଅନ୍ୟ ଦାବିଗୁଡ଼ିକ କ୍ରମାନ୍ୱୟରେ ପୂରଣ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ସ୍ଥଗିତ ରାଖାଯାଇଛି ବୋଲି ପ୍ରଶାନ୍ତ କୁମାର ବିଶ୍ୱାଳ, ଯଯାତି କେଶରୀ ରାୟ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବନମାଳୀ ବରାଳ ପ୍ରମୁଖ କହିଛନ୍ତି।

## ବ୍ରାହ୍ମଣଙ୍କ ପ୍ରତି କଟୁ ମନ୍ତବ୍ୟକୁ ନିନ୍ଦା

ପୁରୀ ଅଫିସ,୨୫।୬:

ଏକ ଘରୋଇ ଜାତୀୟ ଆଧ୍ୟାତ୍ମିକ ଟିଭି ଚ୍ୟାନେଲରେ ଯୋଗଗୁରୁ ରାମଦେବ ବ୍ରାହ୍ମଣଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିବା ନେଇ ଭିଡିଓ ଭାଇରାଲ ହୋଇଥିଲା। ମଙ୍ଗଳବାର ମୁକ୍ତି ମଣ୍ଡପ ସଦସ୍ୟ ସୂର୍ଯ୍ୟନାରାୟଣ ରଥଶର୍ମା, ଦୁର୍ଗାପ୍ରସାଦ ମହାପାତ୍ର ପ୍ରମୁଖ ଭକ୍ତ ସାଲବେଗ ପୀଠରେ ଏକ ଖବରଦାତା ସମ୍ମିଳନୀରେ ଏହାର ଦୃଢ଼ ନିନ୍ଦା କରିଛନ୍ତି। ସର୍ବସାଧାରଣରେ ରାମଦେବ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଏ ନେଇ ରାମଦେବଙ୍କ ବିରୋଧରେ ଟାଉନ ଥାନାରେ ଅଭିଯୋଗ କରାଯିବ ବୋଲି ରଥଶର୍ମା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜୟ କୁମାର ମିଶ୍ର, ଲିଙ୍ଗରାଜ ନନ୍ଦ, ଆଦିତ୍ୟ ମିଶ୍ର, ଉମାକାନ୍ତ ମିଶ୍ର, ରବି ନାରାୟଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



■ ତହସିଲଦାରଙ୍କ ବିଜ୍ଞପ୍ତିକୁ ଆର୍‌ଆଇଙ୍କ ଅବମାନନା

# ମିଟେଇପୁର ପଞ୍ଚାୟତ ଅଫିସରେ ପ୍ରକାଶିତ ହୋଇପାରିଲାନି ତାଲିକା

ନିମାପଡ଼ା,୨୫।୬(ଡି.ଏନ୍.ଏ.):

ପୁରୀ ଜିଲା ନିମାପଡ଼ା ତହସିଲ ଅଫିସରୁ ସୋମବାର ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ଜଣେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଅବମାନନା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବାତ୍ୟା କ୍ଷତିଗ୍ରସ୍ତ ଘରଭଙ୍ଗା ତାଲିକାରେ ସ୍ୱଚ୍ଛତା ଓ ଜନସାଧାରଣଙ୍କ ଅବଗତି ପାଇଁ ମଙ୍ଗଳବାର ନିମାପଡ଼ା ବ୍ଲକର ୩୨ ପଞ୍ଚାୟତ କାର୍ଯ୍ୟାଳୟ ଓ ଏନ୍‌ଏସି ଅଫିସ ସମ୍ମୁଖରେ ପ୍ରକାଶିତ ହେବାକୁ ତହସିଲଦାର କମଳଜିତ ଦାସ ପତ୍ର ସଂଖ୍ୟା ୨୬୫୩/ ୨୪-୬-୧୯ ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହା ସହ ପୁରୀ ଜିଲାପାଳ, ଉପଜିଲାପାଳ, ବିଡିଓ ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପତ୍ର ସଂଖ୍ୟ ୨୬୫୫ ରେ ଏମ୍‌ପି ଓ ସ୍ଥାନୀୟ ବିଧାୟକଙ୍କୁ ଅବଗତ କରିଥିଲେ। ଏହି ତାଲିକା ୩୧ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶ ପାଇଥିବା ବେଳେ ମିଟେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶ ପାଇପାରି ନ ଥିଲା। ଏହି ତାଲିକା ପ୍ରକାଶ କରିବାକୁ ତହସିଲ ପକ୍ଷରୁ ରାଜସ୍ୱ ନିରୀକ୍ଷୀକ ମନୋଜ କୁମାର ପରିଡାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ପଞ୍ଚାୟତ କାର୍ଯ୍ୟାଳୟରେ ବିଳମ୍ବରେ ପହଞ୍ଚିବା ପରେ ତାଲିକାକୁ ପ୍ରକାଶ ନ କରି ପଳାଇଥିଲେ ବୋଲି ପଞ୍ଚାୟତବାସୀ ବୈକୁଣ୍ଠ ସ୍ୱାଇଁ, ଅଶୋକ ସ୍ୱାଇଁ, ରାଜୀବ ସ୍ୱାଇଁ, କାଳନ୍ଦୀ ମଲ୍ଲିକ, ସୁଶାନ୍ତ ଭଞ୍ଜ, ଗଣେଶ ଜେନା, ପ୍ରଦୀପ୍ତ ପ୍ରଧାନ ପ୍ରମୁଖ କହିଛନ୍ତି। ଏ ନେଇ ମିଟେଇପୁର ଗ୍ରାମବାସୀଙ୍କ ଅସନ୍ତୋଷ ଦେଖାଯାଇଥିଲା। ଏ ସମ୍ପର୍କରେ ସରପଞ୍ଚ ପବିତ୍ର ପ୍ରଧାନ କୁହନ୍ତି, ପଞ୍ଚାୟତ ଅଫିସରେ ମଙ୍ଗଳବାର ଘରଭଙ୍ଗା ତାଲିକା ପ୍ରକାଶିତ ହୋଇପାରିନାହିଁ। ଆରଆଇ ପଞ୍ଚାୟତ ଅଫିସକୁ ଆସିଲେ କିନ୍ତୁ ସଙ୍ଗେ ସଙ୍ଗେ ପଳାଇଥିଲେ ବୋଲି କହିଛନ୍ତି। ଏ ସମ୍ପର୍କରେ ତହସିଲଦାର କମଳଜିତ ଦାସ କୁହନ୍ତି, ଘଟଣା ସମ୍ପର୍କରେ ତଦନ୍ତ କରିବାକୁ ଅତିରିକ୍ତ ତହସିଲଦାର ଲୋଚନ ଦାସଙ୍କୁ ଦାୟିତ୍ୱ ଦେଇଛି। ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅପରପକ୍ଷେ ଏ ସମ୍ପର୍କରେ ଆର୍‌ଆଇ ପରିଡାଙ୍କ ମୋବାଇଲ ନଂ.୯୪୩୭୮୧୦୧୧ ରେ ଫୋନ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ବୁଧବାର ଏହି ତାଲିକା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶିତ କରିବାକୁ ପଞ୍ଚାୟତବାସୀ ତହସିଲଦାରଙ୍କଠାରେ ଦାବି କରିଛନ୍ତି।

■ ପୁରୀ ସଦର ବ୍ଲକର ବହୁ ପଞ୍ଚାୟତକୁ ପହଞ୍ଚିନି ବିଦ୍ୟୁତ୍

# ଘରଭଙ୍ଗା ଆକଳନରେ ବି ପକ୍ଷପାତିତା

ପୁରୀ ଅଫିସ,୨୫।୬:

ବାତ୍ୟା ଫନୀକୁ ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ସବୁଠୁ ଅଧିକ କ୍ଷତିଗ୍ରସ୍ତ ପୁରୀ ଜିଲାରେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତି ଫେରୁଛି। ତେବେ ପୁରୀ ସହରକୁ ଛାଡ଼ିଦେଲେ ଉପକଣ୍ଠରେ ବିଦ୍ୟୁତ୍ ଯୋଗାଣ ଏ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରିନାହିଁ। ସେହିପରି ଜିଲାର ଗାଁ ଗହଳିକୁ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ଲୋକେ କଲବଲ ହେଉଛନ୍ତି। ସହରରେ ସିନା ବିଜୁଳିବତି ଜଳିଲାଣି, ହେଲେ ପୁରୀ ସଦର ବ୍ଲକର କେତେକ ଗାଁ ଏବେ ବି ଅନ୍ଧାରରେ ରହିଛି। ଲୋକେ ଶାନ୍ତିରେ ଶୋଇ ନ ପାରି ଅସ୍ତବ୍ୟସ୍ତ ହେଉଥିଲେ ମଧ୍ୟ କାହାକୁ କିଛି କହିପାରୁନାହାନ୍ତି। ଏପଟେ ଘରଭଙ୍ଗା ଆକଳନରେ ବି ପକ୍ଷପାତିତା କରାଯାଇଥିବା ଲୋକେ ଅଭିଯୋଗ ଆଣିଛନ୍ତି । ଏହାକୁ ନେଇ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଦ୍ୟୁତ୍ ଯୋଗାଣ ସ୍ଥିତିକୁ ଦେଖିଲେ ପୁରୀ ଉପକଣ୍ଠର ଲୋକେ ଏବେ ବି ହୀନସ୍ତା ହେଉଛନ୍ତି। ସଦର ବ୍ଲକର କେତେକ ପଞ୍ଚାୟତ ରହିଛି ଯେଉଁଠିକି ବିଦ୍ୟୁତ୍ ପହଞ୍ଚି ପାରିନାହିଁ। ବାଲିପଡ଼ା, ବାଲିପୁଟ ଭଳି ପଞ୍ଚାୟତ ଏବେ ବି ଅନ୍ଧାରରେ ଥିବା ଅଞ୍ଚଳବାସୀ କହିଛନ୍ତି। ସେହିପରି ଘରଭଙ୍ଗା କ୍ଷୟକ୍ଷତି ଆକଳନକୁ ନେଇ ସଦର ବ୍ଲକର ପ୍ରାୟ ସବୁ ପଞ୍ଚାୟତରେ ଅସନ୍ତୋଷ ଦେଖାଦେଇଛି। ବାଲିପଡ଼ା ପଞ୍ଚାୟତ ବାଙ୍ଗୁରୁବାର ସୁରେଶ ଖୁଣ୍ଟିଆ କହିଛନ୍ତି, ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟରେ ଘରଭଙ୍ଗା କ୍ଷୟକ୍ଷତି ଆକଳନର ତାଲିକା ମରାଯାଇଛି। ତେବେ ଏହି ତାଲିକା ଦେଖିଲେ ଆକଳନରେ ପକ୍ଷପାତିତା କରାଯାଇଥିବା ସ୍ପଷ୍ଟ ଜଣାପଡ଼ୁଛି। ଅନେକ ଲୋକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ସେମାନଙ୍କ ଆଂଶିକ କ୍ଷତି ତ କାହାର ଅତ୍ୟଧିକ କ୍ଷତି ବୋଲି ଦର୍ଶାଯାଇଛି । କିନ୍ତୁ ତିନିମହଲା କୋଠା ଥିବା ଲୋକଙ୍କର ନାମ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବୋଲି ତାଲିକାରେ ଦର୍ଶାଯାଇଛି। ଏମିତି କି କେତେଜଣ ସହାୟତା ପାଇବା ପାଇଁ ଯୋଗ୍ୟ ଥିଲେ ମଧ୍ୟ ତାଲିକାରେ ସେମାନଙ୍କର ନାଁ ନାହିଁ । ପଞ୍ଚାୟତର ପ୍ରାୟ ସବୁ ଗାଁରେ ଏହିଭଳି କରାଯାଇଛି । ଅନ୍ୟପକ୍ଷରେ ବାତ୍ୟାର ଦେଢ଼ ମାସ ପରେ ବି ଏ ପର୍ଯ୍ୟନ୍ତ ପଞ୍ଚାୟତର କୌଣସି ଗାଁକୁ ବିଦ୍ୟୁତ୍ ଆସିପାରିନାହିଁ। ଘରଭଙ୍ଗା କ୍ଷୟକ୍ଷତି ଆକଳନ ଠିକ୍ ଭାବେ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ଦିଆଯିବାକୁ ସେ ଦାବି କରିଛନ୍ତି। ସେହିପରି ବାଲିପୁଟ ପଞ୍ଚାୟତ ବାଲିପୁଟ ଗାଁର ବିନୋଦ ଶତପଥୀ ମଧ୍ୟ ସମାନ ପ୍ରକାର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ତାଙ୍କର ଚାରି ବଖରା ଘର ଭାଙ୍ଗିଯାଇଛି। ସେ ବର୍ତ୍ତମାନ ପିଲାଛୁଆଙ୍କୁ ନେଇ ତାଙ୍କ ସମ୍ପର୍କୀୟଙ୍କ ଘରେ ରହୁଛନ୍ତି। ହେଲେ ଘରଭଙ୍ଗା କ୍ଷୟକ୍ଷତି ଆକଳନ ତାଲିକାରେ ତାଙ୍କ ନାଁ ନାହିଁ। କିନ୍ତୁ ଗୋଟିଏ ଗୋଟିଏ ପରିବାର ଯାହାର ଏକାଧିକ ବଖରା କୋଠାଘର ରହିଛି ସେମାନଙ୍କର ନାଁ ତାଲିକାରେ ସ୍ଥାନ ପାଇଛି। ପୁଣି ଗୋଟିଏ ପରିବାରରୁ ବାପା, ପୁଅ ଏପରି କି ମା’ ନାମ ମଧ୍ୟ ତାଲିକାରେ ରହିଛି। ଏହି ପଞ୍ଚାୟତର ବେତାଳ, ଲକ୍ଷ୍ମୀନାରାୟଣପୁର, ଅମୁରିପଡ଼ା ଓଡ଼ସାହି, ରାଉତସାହି ପ୍ରଭୃତି ଗାଁରେ ମଧ୍ୟ ଏହିପରି ତାଲିକାରେ ପକ୍ଷପାତିତା ହୋଇଥିବା ସେ ପ୍ରକାଶ କରିଛନ୍ତି। ସେହିପରି ଆଜି ପର୍ଯ୍ୟନ୍ତ ତାଙ୍କ ପଞ୍ଚାୟତର କୌଣସି ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିବା ବିନୋଦ କ୍ଷୋଭର ସହ କହିଛନ୍ତି।

■ ସିଦ୍ଧ ମହାବୀର ରେଳୱେ ଫ୍ଲାଏ ଓଭରବ୍ରିଜ ଦାବି ଜୋର ଧରିଲା

# ଶ୍ରୀକ୍ଷେତ୍ରରୁ ଦିଲ୍ଲୀ ବାହାରିଲା ପଦଯାତ୍ରା

ପୁରୀ ଅଫିସ, ୨୫।୬:

ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ୍‌ରେ ସିଦ୍ଧ ମହାବୀର ରେଲୱେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଲାଗି ଦାବି ଜୋର ଧରିଛି। ଏ ନେଇ ମଙ୍ଗଳବାର ପୂର୍ବାହ୍ନ ୮ଟାରେ ପୁରୀ ସିଂହଦ୍ୱାର ନିକଟରୁ ଏକ ପଦଯାତ୍ରା ଦିଲ୍ଲୀ ଅଭିମୁଖେ ବାହାରିଛି। ଜନ ଜାଗରଣ ମଞ୍ଚ ଆବାହକ ଜ୍ୟୋତି ପ୍ରକାଶ ନାୟକଙ୍କ ନେତୃତ୍ୱରେ ଦିଲ୍ଲୀ ଯାଉଥିବା ଏହି ପଦଯାତ୍ରାରେ ଶତାଧିକ ଯୁବକ ସାମିଲ ହୋଇଛନ୍ତି। ଓଭରବ୍ରିଜ ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀଙ୍କୁ ୧ଲକ୍ଷ ଦସ୍ତଖତ ସମ୍ବଳିତ ଦାବିପତ୍ର ଦିଆଯିବ। ଦୀର୍ଘଦିନ ଧରି ଏହି ଦାବି ହୋଇ ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। କେବଳ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଛନ୍ତି। ଓଭରବ୍ରିଜ ନିର୍ମାଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନାୟକ ପ୍ରକାଶ କରିଛନ୍ତି।

ରେଳ ଫାଟକ ନିକଟରେ ଗାଡ଼ି, ଆମ୍ବୁଲାନ୍ସ ଆଦି ଦୀର୍ଘ ସମୟ ଧରି ଅଟକି ରହୁଥିବାରୁ ପର୍ଯ୍ୟଟକଙ୍କ ସମେତ ରୋଗୀଙ୍କୁ ହଇରାଣ ହେବାକୁ ପଡ଼ୁଛି। ଦୈନିକ ଏହି ଲାଇନ ଦେଇ ୫୦ରୁ ଊର୍ଦ୍ଧ୍ୱ ଟ୍ରେନ ଯାତାୟାତ କରୁଛି। ଏଥିଯୋଗୁ ପ୍ରତି ୧୦ରୁ ୨୦ମିନିଟ୍‌ରେ ଫାଟକ ବନ୍ଦ ରହୁଛି। ଏହି ସମୟରେ ଉଭୟ ପଟୁ ୧କି.ମି. ବ୍ୟାପୀ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ଜନ ଜାଗରଣ ମଞ୍ଚ ପକ୍ଷରୁ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଦାବି ନେଇ ପଦଯାତ୍ରା ଓ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି ବୋଲି ନାୟକ କହିଛନ୍ତି। ଗତ ୩ମାସ ହେଲା ରେଳ ଫାଟକ ଦେଇ ଯାତାୟାତ କରୁଥିବା ଲୋକେ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମତାମତ ନିଆଯାଇଥିଲା। ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଜନତାଙ୍କ ଦସ୍ତଖତ ସଂଗ୍ରହ କରାଯାଇଛି। ଏହି ଦସ୍ତଖତ ସମ୍ବଳିତ ପତ୍ରକୁ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରାଯିବ। ଉକ୍ତ ଫ୍ଲାଏ ଓଭରବ୍ରିଜ ନିର୍ମାଣ ହେଲେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ନାୟକ ମତବ୍ୟକ୍ତ କରିଛନ୍ତି।

**ପ୍ରଧାନମନ୍ତ୍ରୀଙ୍କୁ ଦିଆଯିବ ୧ଲକ୍ଷ ଦସ୍ତଖତ ସମ୍ବଳିତ ପତ୍ର**




ପୁରୀ ସିଂହଦ୍ୱାରଠାରୁ ଦିଲ୍ଲୀ ଅଭିମୁଖେ ବାହାରିଥିବା ପଦଯାତ୍ରା ।